## ସଂକ୍ଷେପରେ

### ସାଇଲାଣ୍ଡ ଚିଟ୍‌ଫଣ୍ଡ ଠକେଇ ମାମଲା: ପରିଚାଳନା ନିର୍ଦ୍ଦେଶକ ଗିରଫ

ବ୍ରହ୍ମପୁର ଅଫିସ,୧୨ା୨: ଗୋସାଣୀନୂଆଗାଁ ପୋଲିସ ସାଇ ଲାଣ୍ଡ ଚିଟଫଣ୍ଡ ସଂସ୍ଥା ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡ଼ି)ଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ଗାଙ୍ଗପୁର ଥାନା ଅନ୍ତର୍ଗତ କୁଡ଼ଙ୍ଗୀର ଗୋପାଳ ଚନ୍ଦ୍ର ରାଉତ (୪୦) । ମାମଲା ନମ୍ବର ୮୬/୧୭ ତାଙ୍କୁ ଗିରଫ କରାଯାଇଥିବା ବେଳେ ଗୁରୁବାର କୋର୍ଟ ଚାଲାଣ କରାଯିବ ବୋଲି ଥାନାଧିକାରୀ ସୁମିତ କୁମାର ସୋରେନ କହିଛନ୍ତି। ଏହି ଚିଟଫଣ୍ଡ ସଂସ୍ଥାରେ ଟଙ୍କା ଜମାକଲେ ଅଧିକ ସୁଧ ମିଳିବାର ପ୍ରଲୋଭନ ଦେଖାଇ ଜିଲାର ବିଭିନ୍ନ ସ୍ଥାନରୁ ଜମାକାରୀଙ୍କର ଲକ୍ଷ ଲକ୍ଷ ଟଙ୍କା ଠକି ନେଇଥିଲେ। ଠକେଇର ଶିକାର ହୋଇଥିବା ଜମାକାରୀମାନେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ୨୦୧୭ ଅକ୍ଟୋବର ୨୨ରେ ନଳିନୀ କାନ୍ତ ପାଢ଼ୀ ନାମକ ଜଣେ ଜମାକାରୀ ଗୋସାଣୀନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। ଘଟଣା ପରେ ଉକ୍ତ ସଂସ୍ଥାର ଏମ୍‌ଡ଼ି ଗୋପାଳ ରାଉତ ସୁରଟ ଚାଲିଯାଇଥିଲେ। ସେ ନିକଟରେ ଘରକୁ ଫେରିଥିବା ପୋଲିସ ଖବର ପାଇ ତାଙ୍କୁ ଗିରଫ କରିଥିବା କହିଛି।

### ହତ୍ୟା ମାମଲା: ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୧୨ା୨: ଗଞ୍ଜାମ ଜିଲା ଦୌରା ଜଜ ରାମ ଶଙ୍କର ହୋତା ବୁଧବାର ଏକ ହତ୍ୟା ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ଅଭିଯୁକ୍ତ ସୀମାଞ୍ଚଳ ନାଇକଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଘଟଣାରୁ ପ୍ରକାଶ, ୨୦୧୯ ଫେବୃୟାରୀ ୭ରେ ସଦର ଥାନା ଅନ୍ତର୍ଗତ ଲାଠି ଗ୍ରାମର ଅଭିମନ୍ୟୁ ନାଇକଙ୍କୁ ତାଙ୍କ ପୁଅ ସୀମାଞ୍ଚଳ ଏକ ଘରୋଇ କଳିରୁ ହତ୍ୟା କରିଥିଲେ। ପୋଲିସ ଏନେଇ ନଂ.୨୭/୧୯ରେ ଏକ ମାମଲା ରୁଜୁ କରିଥିଲା। ଅଭିଯୁକ୍ତ ସୀମାଞ୍ଚଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ସଦର ଥାନାର ତତ୍କାଳୀନ ଏସ୍‌ଆଇ ତଥା ତଦନ୍ତକାରୀ ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ୀ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ଘଟଣା ପରଠାରୁ ମଣ୍ଡଳ କାରାଗାରରେ ଥିବା ସୀମାଞ୍ଚଳଙ୍କୁ ବୁଧବାର ଜିଲା ଜଜଙ୍କ କୋର୍ଟରେ ହାଜର କରାଯାଇଥିଲା। ୧୨ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ପ୍ରମାଣ ଅଭାବରୁ ଜିଲା ଜଜ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ପିପି ତ୍ରିଲୋଚନ ପରିଡା ଓ ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସଏଦ ଇକବଲ ମକଦ୍ଦମା ପରିଚାଳନା କରିଥିଲେ।

### ସମବାୟ ଅର୍ବାନ ବ୍ୟାଙ୍କ ନିଯୁକ୍ତି ସାକ୍ଷାତ୍‌କାର ବନ୍ଦ

ବ୍ରହ୍ମପୁର ଅଫିସ, ୧୨ା୨: ବ୍ରହ୍ମପୁର ସମବାୟ ଅର୍ବାନ ବ୍ୟାଙ୍କରେ ବୁଧବାର ହେବାକୁ ଥିବା ସିଷ୍ଟମ୍ ମ୍ୟାନେଜର ପଦବୀ ପାଇଁ ସାକ୍ଷାତ୍‌କାରକୁ ସରକାରଙ୍କ ସମବାୟ ବିଭାଗ ପକ୍ଷରୁ ବନ୍ଦ କରାଯାଇଛି । ନିର୍ବାଚିତ ପରିଚାଳନା ବୋର୍ଡ଼ର ଶେଷ ଦିବସ ବେଳକୁ ହେବାକୁଥିଲା ସାକ୍ଷାତ୍‌କାର(ଇଣ୍ଟରଭ୍ୟୁ)। ଏହାକୁ ବେଆଇନ ଦର୍ଶାଇ କେତେକ ଡ଼ାଇରେକ୍ଟର ସଙ୍ଗିନ ଅଭିଯୋଗ କରିଥିଲେ। ବନ୍ଦ କରାଯିବାକୁ ରାଜ୍ୟ ସମବାୟ ରେଜିଷ୍ଟ୍ରାର, ଡ଼େପୁଟି ରେଜିଷ୍ଟ୍ରାର, ଗଞ୍ଜାମ ଜିଲାପାଳ ତଥା ଅତିରିକ୍ତ ରେଜିଷ୍ଟ୍ରାରଙ୍କୁ ଜଣାଇଥିଲେ । ସମବାୟ ମନ୍ତ୍ରୀଙ୍କୁ ମଧ୍ୟ ଅଭିଯୋଗ ଜଣାଇଥିଲେ । ଏହି ଖବର ଧରିତ୍ରୀର ବୁଧବାର ସଂଖ୍ୟାରେ ପ୍ରକାଶ ପାଇଥିଲା। ଅପରପକ୍ଷରେ ୧୨ ତାରିଖରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଗଞ୍ଜାମ ଜିଲା ଗୋପାଳପୁର ଗସ୍ତରେ ଆସିଥିଲେ । ସାକ୍ଷାତ୍‌କାର ବନ୍ଦ ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରୀ ହୋଇଥିଲା। ଫେବୃୟାରୀ ୧୩ ବ୍ୟାଙ୍କର ନିର୍ବାଚିତ ପରିଚାଳନା ବୋର୍ଡ଼ର ୫ ବର୍ଷ କାର୍ଯ୍ୟକାଳ ଶେଷ ହେବ । ପରିଚାଳନା ଦାୟିତ୍ୱ ସରକାରଙ୍କ ହାତକୁ ଯିବ। ସାକ୍ଷାତ୍‌କାର ବନ୍ଦ କରାଯାଇଥିବାରୁ ପି. ଭୀମୁଡୁ ଓ ଅଶୋକ ଶୁକ୍ଳ ପ୍ରମୁଖ ଏହାକୁ ସ୍ୱାଗତ କରିଛନ୍ତି।

### ଆର୍ଯ୍ୟ ସମାଜର ବାର୍ଷିକୋତ୍ସବ

ବ୍ରହ୍ମପୁର ଅଫିସ୍,୧୨ା୨-ବ୍ରହ୍ମପୁର ଲାଞ୍ଜିପଲ୍ଲୀ ଚନ୍ଦନ ନଗର ତୃତୀୟ ଗଳି ସ୍ଥିତ ଦେବ ପ୍ରଚାର ସଂଘ ଆର୍ଯ୍ୟ ସମାଜର ବାର୍ଷିକୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଘ ତରଫରୁ ଦୁଇ ଦିନଲାଗି ସାମବେଦ ପାରାୟଣ ଯଜ୍ଞ ଓ ଦେବ ପ୍ରବଚନ ଆୟୋଜନ କରାଯାଇଥିଲା। ଉକ୍ତ ଯଜ୍ଞକୁ ଆଚାର୍ଯ୍ୟ ସ୍ମୃତିପ୍ରିୟ ପରିଚାଳନା କରିବା ବେଳେ ହରିପୁର ଗୁରୁକୁଳ ଅଧକ୍ଷ ଡ.ସୁଦର୍ଶନ ଦେବାଚାର୍ଯ୍ୟ ସାମବେଦ ପାରାୟଣ ଯଜ୍ଞ କରିଥିଲେ । ସଂଘ ସଭାପତି କାହ୍ନୁ ବାଳକୃଷ୍ଣ ବେହେରା, ଉପ-ସଭାପତି ଡି.ଭାନୁମତୀ ବେହେରା, ସମ୍ପାଦକ ଲକ୍ଷ୍ମୀଚରଣ ପଣ୍ଡା ଓ କୋଷାଧକ୍ଷ କେଦାରନାଥ ମହାପାତ୍ରଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ ।

# ଦୁର୍ଘଟଣାସ୍ଥଳ ବୁଲି ଦେଖିଲେ ୨ ମନ୍ତ୍ରୀ

**ଡଙ୍କଲପାଡୁ ବସ୍ ଟ୍ରାଜେଡି**

- ପ୍ରତ୍ୟକ୍ଷଦର୍ଶୀଙ୍କ ସହ କଲେ ଆଲୋଚନା
- ମୃତକଙ୍କ ପରିବାରକୁ ଭେଟି ଜଣାଇଲେ ସମବେଦନା
- କାନ୍ଦ ବୋବାଳିରେ ମନ୍ତ୍ରୀଙ୍କ ଆଖି ଛଳଛଳ



ଜଣେ ଆତ୍ମୀୟଙ୍କୁ ମନ୍ତ୍ରୀ ସମବେଦନା ଜଣାଉଛନ୍ତି।

ଗୋପାଳପୁର,୧୨ା୨

ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ଡଙ୍କଲପାଡୁ ରାସ୍ତାରେ ନିର୍ବନ୍ଧ ପାଇଁ ଯାଉଥିବା ବସ୍‌ରେ ୧୧ କେଭି ବିଦ୍ୟୁତ୍ ତାର ଲାଗି ୧୦ ଜଣଙ୍କ ଜୀବନ ଯାଇଥିଲା। ଏହି ଘଟଣା ରାଜ୍ୟରେ ଚହଳ ପକାଇ ଦେଇଥିଲା। ବର୍ତ୍ତମାନ ମଧ୍ୟ ଗ୍ରାମରେ ଶୋକାକୁଳ ପରିବେଶ ସହ କାନ୍ଦବୋବାଳି ଲାଗି ରହିଛି। ଅନ୍ୟପଟେ ଯୁଦ୍ଧକାଳୀନ ଭିତ୍ତିରେ ସାଉଥ୍-କୋ କର୍ତ୍ତୃପକ୍ଷ ବିଦ୍ୟୁତ୍ ଖୁଣ୍ଟ ଓ ତାର ସଜାଡୁଛନ୍ତି। ବୁଧବାର ରାତି ପ୍ରାୟ ୭ଟାରେ ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଓ ବିଜ୍ଞାନ କାରିଗରି ବିଭାଗ ମନ୍ତ୍ରୀ ଅଶୋକ ପଣ୍ଡା ଦୁର୍ଘଟଣା ସ୍ଥଳ ପରିଦର୍ଶନ କରିଥିଲେ। ଏହି ସମୟରେ ଘଟଣାର ପ୍ରତ୍ୟକ୍ଷଦର୍ଶୀ, ସ୍ଥାନୀୟ ପ୍ରତିନିଧି ଓ ନିଜ ଜୀବନକୁ ବାଜି ଲଗାଇ ଗୁରୁତରଙ୍କୁ ଉଦ୍ଧାର କରିଥିବା ବ୍ୟକ୍ତିଙ୍କ ସହ ୨ ମନ୍ତ୍ରୀ ଆଲୋଚନା କରିଥିଲେ। ସେଠାରୁ ୨ ମନ୍ତ୍ରୀ ବାହାରି ଡଙ୍କଲପାଡୁ ଗ୍ରାମରେ ପହଞ୍ଚିଥିଲେ। ୧୦ ଜଣ ମୃତକଙ୍କ ପରିବାର ସଦସ୍ୟଙ୍କୁ ଭେଟି ସମବେଦନା ଜଣାଇବା ସହ ସେମାନଙ୍କ କାନ୍ଦବୋବାଳି ଦେଖି ମନ୍ତ୍ରୀଙ୍କ ଆଖି ଛଳଛଳ ହୋଇଯାଇଥିଲା। ବାପା ମା ଛେଉଣ୍ଡ ଦୁଇ ଭଉଣୀଙ୍କ ଦୁଃଖ ଦେଖି ମନ୍ତ୍ରୀ ମର୍ମାହତ ହୋଇପଡ଼ିଥିଲେ। ଏଥିସହ ସ୍ୱ. ଅଶୋକ ରେଡ୍ଡୀଙ୍କ ଦୁଇ ଭଉଣୀଙ୍କର ମୃତ୍ୟୁ ଘଟିଥିବା ବେଳେ ତାଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଥିଲେ। ପରେ ୫ମ ଶ୍ରେଣୀରେ ପଢୁଥିବା ମେଧାବୀ ଛାତ୍ରୀ ଝିଲି ସାହୁଙ୍କୁ ହରାଇଥିବା ଶୋକସନ୍ତପ୍ତ ମା'ଙ୍କୁ ମନ୍ତ୍ରୀ ଭେଟି ଆଶ୍ୱାସନା ଦେଇଥିଲେ। ଗ୍ରାମବାସୀ ମନ୍ତ୍ରୀଙ୍କୁ କହିଥିଲେ, ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ଆର୍ଥିକ ସହାୟତା ରାଶିକୁ ବୃଦ୍ଧି କରାଯାଉ। ଏଥିସହ ମେଡିକାଲରେ ଚିକିତ୍ସାଧୀନ ଥିବା ଗୁରୁତରଙ୍କୁ ଉତ୍ତମ ଚିକିତ୍ସା ସେବା ଯୋଗାଇବା ସହ ସେମାନଙ୍କ ପରିବାରକୁ ଆର୍ଥିକ ସହାୟତା ଦେବା ପାଇଁ ଗ୍ରାମବାସୀ ନିବେଦନ କରିଥିଲେ। ଏହି ଅବସରରେ ଗୋପାଳପୁର ବିଧାୟକ ଡ଼. ପ୍ରଦୀପ କୁମାର ପାଣିଗ୍ରାହୀ ଦୁର୍ଘଟଣା ସମୟରେ ନିଜର ଜୀବନକୁ ବାଜି ଲଗାଇ ଉଦ୍ଧାର କରିଥିବା ବ୍ୟକ୍ତିଙ୍କୁ ସହାୟତା ଓ ପୁରସ୍କୃତ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯାଇଛି। ମନ୍ତ୍ରୀଙ୍କ ଗସ୍ତ ସମୟରେ ଛତ୍ରପୁର ବିଧାୟକ ସୁବାସ ବେହେରା, ବିସିସି ବ୍ୟାଙ୍କ ସଭାପତି ଅଲେଖ ଚୌଧୁରୀ, ବ୍ରହ୍ମପୁର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ରଙ୍ଗେଇଲୁଣ୍ଡା ବ୍ଲକ ଅଧ୍ୟକ୍ଷା ସିଏଚ ଉଷାରାଣୀ, ଉପାଧ୍ୟକ୍ଷ ଅଜିତ ଦାଶ, ସିଏଚ୍ ଡିଲେଶ୍ୱର ରେଡ୍ଡୀ, ସରପଞ୍ଚ ରାଜେଶ୍ୱରୀ ଦୋରା, ବିଷ୍ଣୁପ୍ରିୟା ନାୟକ, ସିଏଚ୍ ସୁଧାକର ରେଡ୍ଡୀ, ପରିବହନ ବିଭାଗ ବରିଷ୍ଠ ଅଧିକାରୀ, ବିଦ୍ୟୁତ୍ ବିଭାଗ ଅଧିକାରୀ, ଚିକିଟି ବିଡିଓ, ଚିକିଟି ତହସିଲଦାର ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଏହି ଅବସରରେ ମନ୍ତ୍ରୀ ପଦ୍ମନାଭ ବେହେରା କହିଥିଲେ, ଡଙ୍କଲପାଡୁରେ ଯେଉଁ ଦୁଃଖଦ ଘଟଣା ଘଟିଛି ସେ ନେଇ ମୁଖ୍ୟମନ୍ତ୍ରୀ ଦୁଃଖ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ପାଇଁ ମୁଁ ଓ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଆସିଛୁ। ଲୋକଙ୍କ ଦୁଃଖଦ ଘଟଣା ଓ ସମସ୍ୟା ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରିବୁ। ବାପା ମା' ଛେଉଣ୍ଡ ଦୁଇ ଭଉଣୀଙ୍କ ଲାଳନପାଳନ, ପାଠପଢ଼ା ଓ ଅନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କହିବୁ। ଏଥିସହ ଅନ୍ୟ ମୃତକଙ୍କ ପରିବାରକୁ ଯେଭଳି ଅଧିକ ସହାୟତା ମିଳିବ ଓ ଅସୁସ୍ଥମାନଙ୍କୁ କିଭଳି ଉତ୍ତମ ମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇ ପାରିବ, ସେନେଇ ଗୁରୁତ୍ୱ ଦିଆଯିବ। ଦୁର୍ଘଟଣା ସ୍ଥାନରେ ବିଦ୍ୟୁତ୍ ତାର ଓହଳି ରହିଥିଲା । ବସ୍ ଚାଳକ ଏହାକୁ ଦେଖି ମଧ୍ୟ ଅବହେଳା କରିଥିବା ମନ୍ତ୍ରୀ ପ୍ରକାଶ କରିଥିଲେ।



ସାଉଥ୍‌କୋ ବିଭାଗ ପକ୍ଷରୁ ଡଙ୍କଲପାଡୁ ରାସ୍ତାରେ ଯୁଦ୍ଧକାଳୀନ ଭିତ୍ତିରେ ବିଦ୍ୟୁତ ଖୁଣ୍ଟ ଓ ତାର ସଜଡ଼ାଯାଉଛି । ବିନା ସୁରକ୍ଷାରେ (ହେଲମେଟ ନ ପିନ୍ଧି) ଜୀବନକୁ ବାଜି ଲଗାଇ କର୍ମଚାରୀମାନେ କାମ କରୁଛନ୍ତି **(ଫଟୋ-ସମୀର)**

# ନାରାୟଣପୁରରେ ପ୍ରଦୂଷଣ ବଢ଼ାଉଛି କୁକୁଡ଼ା ଫାର୍ମ




ଆର୍‌ଡିସିଙ୍କ ଅଫିସ ଆଗରେ କ୍ରାନ୍ତିକାରୀ କୃଷକ ସଭା କର୍ମକର୍ତ୍ତା ଓ ଗ୍ରାମବାସୀ ।

**ପଦକ୍ଷେପ ନେବାକୁ ଆର୍‌ଡିସିଙ୍କୁ ଦାବିପତ୍ର**

ବ୍ରହ୍ମପୁର ଅଫିସ,୧୨ା୨

ଆସିକା ବ୍ଲକ ପାଣ୍ଡିଆପଥର ପଞ୍ଚାୟତ ଅନ୍ତର୍ଗତ ନାରାୟଣପୁର ଗ୍ରାମରେ ବୃଦ୍ଧି ପାଉଥିବା ଲେୟର କୁକୁଡା ଫାର୍ମ ସଂଖ୍ୟା ଯୋଗୁ ଗ୍ରାମ୍ୟ ପରିବେଶ ଦୂଷିତ ହେଉଥିବା ଅଭିଯୋଗ ହୋଇଛି । ଗ୍ରାମର ପରିବେଶ ସ୍ୱଚ୍ଛ ରଖିବା ନେଇ ଲେୟର କୁକୁଡା ଫାର୍ମଗୁଡିକ ଉପରେ ପଦକ୍ଷେପ ନେବାକୁ ଦାବି ହୋଇଛି । ଏନେଇ ବୁଧବାର କ୍ରାନ୍ତିକାରୀ କୃଷକ ସଭା ପକ୍ଷରୁ ଦକ୍ଷିଣାଞ୍ଚଳ ଆରଡିସିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ବିଗତ କିଛି ବର୍ଷ ଧରି ଗ୍ରାମରେ ଲେୟର କୁକୁଡା ଫାର୍ମ ସଂଖ୍ୟା ବୃଦ୍ଧି ପାଇଛି । ଫଳରେ ଗ୍ରାମର ପରିବେଶ ପ୍ରଦୂଷିତ ହୋଇଛି । ଏହାଦ୍ୱାରା ବିଭିନ୍ନ ରୋଗ ସହ ଚର୍ମରୋଗ ବୃଦ୍ଧି ପାଉଛି । ଏହାବ୍ୟତୀତ ଗ୍ରାମରେ ବାସ କରୁଥିବା ଭୂମିହୀନ ଓ ବାସହୀନ ଦଳିତ ପରିବାର ଦୀର୍ଘ ବର୍ଷ ଧରି ଚାଷ କରି ଆସୁଥିବା ଜଙ୍ଗଲ, ଚାରଣ ଜମିର ପଟ୍ଟ ନ ଥିବାରୁ ଜମି ମାଫିଆଙ୍କ ଦୌରାତ୍ମ୍ୟର ଶିକାର ହେଉଥିବା ସଭା ପକ୍ଷରୁ କୁହାଯାଇଛି। ଏପରିକି ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ଜମିକୁ କମ ମୂଲ୍ୟରେ ବିକ୍ରି କରିବାକୁ ଜମି ମାଫିଆମାନେ ଧମକ ଦେଉଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହାର ତୁରନ୍ତ ସମାଧାନ ସହ ଜମି ହଡପ ଓ ଜମି ଜବରଦଖଲରୁ ମୁକ୍ତ କରିବା, ସାର୍ବଜନିନ ହରିଣ ପୋଖରୀକୁ ଘେରି ମୁକ୍ତ କରିବା, ସର୍ବନିମ୍ନ ମଜୁରିଠାରୁ କମ ପ୍ରଦାନ କରୁଥିବା ସଂସ୍ଥାଙ୍କୁ ତୁରନ୍ତ ଜବତ କରିବା, ଭୂମିହୀନ ପରିବାରକୁ ୫ ଏକର ଚାଷଜମି ଓ ବାସହୀନଙ୍କୁ ବାସସ୍ଥାନ ପ୍ରଦାନ ପାଇଁ ବ୍ୟବସ୍ଥା ପ୍ରଭୃତି ୧୦ ଦଫା ଦାବି ପୂରଣ ନେଇ ଦାବିପତ୍ରରେ ଉଲ୍ଲେଖ ରହିଛି । ତୁରନ୍ତ ଦାବି ପୂରଣ ନ ହେଲେ ସଂଗଠନ ପକ୍ଷରୁ ଆନ୍ଦୋଳନ କରିବାକୁ ଚେତାବନୀ ଶୁଣାଇଛି । ଦାବିପତ୍ର ପ୍ରଦାନ ବେଳେ ରତ୍ନାକର ସାହୁ, ଦାସ ରମୁଣି ଆମ୍ମା, ବିଧାନ ନାୟକ, ଅକ୍ଷୟ ସାହୁ ଏବଂ କ୍ରାନ୍ତିକାରୀ କୃଷକ ସଭାର ରାଜ୍ୟ ସମ୍ପାଦକ ଶଙ୍କର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ପରିବେଶ ପ୍ରଦୂଷଣମୁକ୍ତ ରଖିବ ଖଲିପତ୍ର

ବ୍ରହ୍ମପୁର ଅଫିସ,୧୨ା୨

ନାବାର୍ଡ଼ ଓ ଆଦର୍ଶ ସଂଗଠନ ଆନୁକୂଲ୍ୟରେ ସାନଖେମୁଣ୍ଡି ବ୍ଲକ କଙ୍କୋରଡ଼ା ପଞ୍ଚାୟତ ଭୈରବୀ ମହିଳା ଆଗ୍ରୋ ସଂଗଠନ ପରିସରରେ ଖଲିପତ୍ର ଓ ପ୍ଲେଟ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ନାବାର୍ଡ଼ ଗଞ୍ଜାମ ଜିଲା ମହାପ୍ରବନ୍ଧକ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ । ଏଲଇଡ଼ିପି ଯୋଜନା ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ସ୍ୱାବଲମ୍ବୀ, ଆତ୍ମନିର୍ଭରଶୀଳ, ସଶକ୍ତ ଓ ଆର୍ଥିକସ୍ତରରେ ଉନ୍ନତି ଆଣିବା ଆମର ଲକ୍ଷ୍ୟ ବୋଲି କହିଥିଲେ । ଆଗାମୀ ୨୪ ଦିନ ଧରି ତାଲିମ ଶିବିର ଚାଲୁ ରହିବ । ଏସ୍‌ଏଚଜିମାନଙ୍କୁ ଉଭୟ ହାତ ସିଲେଇ ଓ ହାଇଡ୍ରୋଲିକ୍ ମେଶିନ ସାହଯ୍ୟରେ ବଜାର ଚାହିଦା ଅନୁଯାୟୀ ଡ଼ିଜାଇନ କରିବା ତାଲିମ ପ୍ରଦାନ କରାଯିବ । ପ୍ରଶିକ୍ଷଣ ପରେ ଏକ୍ସପୋଜର ଭିଜିଟରେ ସଫଳ ଉଦ୍ୟୋଗ ୟୁନିଟକୁ ପ୍ରତ୍ୟକ୍ଷ ଜ୍ଞାନ ଆହରଣ ପାଇଁ ନିଆଯିବାର ବ୍ୟବସ୍ଥା ରହିଛି । ଖଲିପତ୍ର ଦାନା ଓ ପ୍ଲେଟ ବ୍ୟବହାର ଦ୍ୱାରା ପରିବେଶ ପରିଷ୍କାର ଓ ପ୍ରଦୂଷଣମୁକ୍ତ ରୁହେ । କାର୍ଯ୍ୟକ୍ରମରେ କଙ୍କେରଡ଼ା ଭାରତୀୟ ଷ୍ଟେଟବ୍ୟାଙ୍କ ଶାଖା ପ୍ରବନ୍ଧକ ସଞ୍ଜୟ କୁମାର ନାୟକ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଶାଖା ପ୍ରବନ୍ଧକ ସୁରେନ୍ଦ୍ର କୁମାର ନାୟକ, କର୍ପୋରେଶନ ବ୍ୟାଙ୍କ ମ୍ୟାନେଜର ମୁନମୁନ ସିଂହ, ସିଡ଼ିପିଓ ସରୋଜିନୀ ବେହେରା, ସୁପରଭାଇଜର କେ. ଅଶାନ୍ତ କୁମାରୀ ପାତ୍ର, ମିଶନ ଶକ୍ତି ବ୍ଲକ କୋଅର୍ଡ଼ିନେଟର ଦୁର୍ଯ୍ୟୋଧନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# ମୁକୁଳା ଟ୍ରାନ୍ସଫର୍ମର ଚାରିପଟେ ହେଲା ପାଚେରି

**ଧରିତ୍ରୀ ପ୍ରଭାବ**

- ଖବର ପ୍ରକାଶ ପରେ ସାଉଥ୍‌କୋର ତତ୍ପରତା

ବ୍ରହ୍ମପୁର ଅଫିସ୍,୧୨ା୨

ବ୍ରହ୍ମପୁର ଲକ୍ଷ୍ମୀନୃସିଂହ ସାହି ମୁଖ୍ୟ ରାସ୍ତା କଡ଼ରେ ମୁକୁଳା ପଡିଥିବା ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ କାର୍ଯ୍ୟ ସରିଛି। ଏନେଇ ଗତ ମାସରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା । ତେବେ ଗତ ସପ୍ତାହରେ ବିଭାଗ ପକ୍ଷରୁ ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ କରାଯାଇଛି।

ପ୍ରକାଶ ଯେ, ବ୍ରହ୍ମପୁର ଲକ୍ଷ୍ମୀନୃସିଂହସାହି ମୁଖ୍ୟ ରାସ୍ତା କଡ଼ରେ ମୁକୁଳା ଅବସ୍ଥାରେ ଏକ ଟ୍ରାନ୍ସଫର୍ମର ରହିଥିଲା । ଏହି ରାସ୍ତାଦେଇ ପ୍ରତିଦିନ ଶହ ଶହ ଲୋକ ଯାତାୟାତ ସହ ପୋଖରୀକୁ ଗାଧୋଇବା ନିମନ୍ତେ ଯିବା ଆସିବା କରିଥାନ୍ତି। ଏହା ସହ ଉକ୍ତ ଟ୍ରାନ୍ସଫର୍ମର ପାଖାପାଖି ବିଭିନ୍ନ ଦୋକାନ ବଜାର ଓ ମନ୍ଦିର ରହିଥିବାରୁ ଏହି ସ୍ଥାନକୁ ବହୁ ଛୋଟ ପିଲାମାନେ ମଧ୍ୟ ଆସିଥାନ୍ତି। ଏହାର ଚାରିପାଖରେ ଘାସ ସହିତ ବିଭିନ୍ନ ଗଛ ଥିବାରୁ ଅଧିକାଂଶ ସମୟରେ ଗୋରୁଗୁଡିକ ଚରିବାକୁ ଯାଇଥାନ୍ତି। ପୂର୍ବରୁ ଏହି ଟ୍ରାନ୍ସଫର୍ମର ଚାରିପଟେ ପାଚେରି ନିର୍ମାଣ ହୋଇଥିଲା। କିନ୍ତୁ ତାହା କେବେଠୁ ଭାଙ୍ଗି ଯାଇଛି । ତେବେ ଉକ୍ତ ଅଞ୍ଚଳର ବାସିନ୍ଦାମାନେ ସାଉଥ୍‌କୋର ଅଧିକାରୀଙ୍କୁ ବହୁବାର ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିଲା । ଜାନୁୟାରୀ ୨୦ରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ସାଉଥ୍‌କୋର ତତ୍ପରତା ପ୍ରକାଶ ପାଇଥିଲା। ସେହିପରି ସହରର ବିଭିନ୍ନ ସାହି ଯଥା ମଳାସୁଣି ପେଟା ସାହି, କାଞ୍ଜିବାରି ସାହି ଓ ପ୍ରେମ ନଗର ୬ଷ୍ଠ ଗଳି, ହିଲ୍‌ପାଟଣା ୩ୟ ଗଳି, ଲାଞ୍ଜିପଲ୍ଲୀ ରେଡ୍ଡୀକା ସାହି ମୁଖ୍ୟ ରାସ୍ତା ସମେତ ସହରର ବିଭିନ୍ନ ସ୍ଥାନରେ ଟ୍ରାନ୍ସଫର୍ମରଗୁଡିକ ମୁକୁଳା ଅବସ୍ଥାରେ ଥିବା ଦେଖିବାକୁ ମିଳୁଛି ।



ଟ୍ରାନ୍ସଫର୍ମର ଚାରିପଟେ ହୋଇଥିବା ପାଚେରି।

# ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡ

**ଦଶମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର ମାମଲା**

- ପୀଡ଼ିତାଙ୍କୁ ୪ ଲକ୍ଷ ସହାୟତା ପାଇଁ ଡିଏଲଏସ୍‌ଓଙ୍କୁ ନିର୍ଦ୍ଦେଶ

ବ୍ରହ୍ମପୁର ଅଫିସ,୧୨ା୨

ଗଞ୍ଜାମ ଜିଲା ଡେଜିଗ୍‌ନେଟେଡ୍ ପୋକ୍‌ସୋ ଜଜ ତଥା ଅତିରିକ୍ତ ଦୌରା ଜଜ (ଏଡିଜେ)-୨ ଜଗଦୀଶ ପ୍ରସାଦ ମହାନ୍ତି ବୁଧବାର ଏକ ବଳାତ୍କାର ମାମଲାର ଶୁଣାଣି କରିଥିଲେ। ଅଭିଯୁକ୍ତ ନଣ୍ଡା ନାହାକଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ପାଇଁ ରାୟ ପ୍ରକାଶ କରିଛନ୍ତି। ଏହାସହିତ ଅଭିଯୁକ୍ତ ଜଣଙ୍କ ୧୧ ହଜାର ଟଙ୍କା ଜରିମାନା ଦେବେ ନ ହେଲେ ଅଧିକ ୬ ମାସ ଜେଲ ଦଣ୍ଡରେ ଦଣ୍ଡିତ କରାଯିବା ପାଇଁ ମଧ୍ୟ ଏଡିଜେ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପୀଡ଼ିତାଙ୍କୁ ଥଇଥାନ ପାଇଁ ୪ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ବିଚାରପତି ମହାନ୍ତି ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିବା ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ସୂଚନା ଦେଇଛନ୍ତି।

ଘଟଣାରୁ ପ୍ରକାଶ, ୨୦୧୭ ଅଗଷ୍ଟ ୨୨ ଅପରାହ୍ନ ପ୍ରାୟ ସାଢ଼େ ଗୋଟାଏ ବେଳେ ଜଣେ ୧୦ମ ଶ୍ରେଣୀ ଛାତ୍ରୀ ସ୍କୁଲରୁ ଖାଇବା ପାଇଁ ଘରକୁ ଫେରିଥିଲେ। ତାଙ୍କ ବାପା ଓ ମା ବାହାରକୁ କାମ କରିବାକୁ ଯାଇଥିଲେ। ସେ ଘରେ ଖାଇ ବସିଥିବା ବେଳେ ଏହାର ସୁଯୋଗ ନେଇ ନଣ୍ଡା ଘରେ ପଶି ଛାତ୍ରୀଙ୍କୁ ବଳାତ୍କାର କରିଥିଲେ। ପୀଡିତାଙ୍କ ମା ଏନେଇ ଜଗନ୍ନାଥପ୍ରସାଦ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନମ୍ବର ୧୦୬/୧୭ ରେ ନଣ୍ଡାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ତତ୍କାଳୀନ ତଦନ୍ତକାରୀ ଅଧିକାରୀ ଅମ୍ବିକା ବେହିଆ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ଗିରଫ ପରଠାରୁ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ନଣ୍ଡାଙ୍କୁ ବୁଧବାର କୋର୍ଟରେ ହାଜର କରାଯାଇଥିଲା। ୯ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ପୋକ୍‌ସୋ ବିଚାରପତି ଅଭିଯୁକ୍ତ ନଣ୍ଡାଙ୍କୁ ଉପରୋକ୍ତ ଦଣ୍ଡାଦେଶର ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

# ସାଉଥ୍‌କୋ ଅଫିସ ଆଗରେ ଧାରଣା ଦେଲା ଭାଜପା

**ବିଦ୍ୟୁତ୍ ସଂସ୍ପର୍ଶରେ ମୃତ୍ୟୁ ଘଟଣା**

- ଆହତଙ୍କ ପାଇଁ ୭ ଦଫା ଦାବି
- ଲିଖିତ ପ୍ରତିଶ୍ରୁତି ପରେ ଆନ୍ଦୋଳନ ସ୍ଥଗିତ



ସାଉଥ୍-କୋ ଅଫିସ ଆଗରେ ଭାଜପା ପକ୍ଷରୁ ଧାରଣା ଦିଆଯାଇଛି ।

ବ୍ରହ୍ମପୁର ଅଫିସ୍,୧୨ା୨

ଦକ୍ଷିଣାଞ୍ଚଳ ବିଦ୍ୟୁତ୍ ପରିବର୍ଣ୍ଟନ ସଂସ୍ଥା ସାଉଥ୍-କୋର ବ୍ରହ୍ମପୁରସ୍ଥ କର୍ପୋରେଟ ଅଫିସ ଆଗରେ ବୁଧବାର ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ଓ ଗଣଧାରଣା ଦିଆଯାଇଥିଲା। ଗତ ରବିବାର ରଙ୍ଗେଇଲୁଣ୍ଡା ବ୍ଲକ ମେଣ୍ଟରାଜପୁର ଛକ ରାସ୍ତାରେ ଚଳନ୍ତା ବସ୍ ଉପରେ ୧୧ କେଭି ବିଦ୍ୟୁତ୍ ତାର ପଡ଼ି ଘଟିଥିବା ଭୟଙ୍କର ଦୁର୍ଘଟଣାରେ ୧୦ ଜଣଙ୍କ ଜୀବନ ଯିବା ସହିତ ଅନେକ ଗୁରୁତର ଆହତ ହୋଇ କଟକ ଓ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାରେ ମରଣ ସହ ସଂଗ୍ରାମ କରୁଛନ୍ତି। ମୃତକଙ୍କ ପରିବାରର ଜଣକୁ ସାଉଥ-କୋ ସ୍ଥାୟୀ ଚାକିରି ଦେବା ସହ ୭ ଦଫା ଦାବି ନେଇ ଏହି ଆନ୍ଦୋଳନ କରାଯାଇଥିଲା। ସାଙ୍ଗଠନିକ ଜିଲା ସଭାପତି ବିଭୂତି ଭୂଷଣ ଜେନା ଓ ବରିଷ୍ଠ ନେତା କାହ୍ନୁ ଚରଣ ପତି ନେତୃତ୍ୱ ନେଇଥିଲେ।

ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଏବଂ ଆହତମାନଙ୍କୁ ତୁରନ୍ତ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ସାଉଥ-କୋ ପକ୍ଷରୁ ଦିଆଯିବା, ଗଞ୍ଜାମ ଜିଲାର ବିଭିନ୍ନ ଅଞ୍ଚଳରେ ବିପଦସଂକୁଳ ଅବସ୍ଥାରେ ଥିବା ବିଦ୍ୟୁତ୍ ଖୁଣ୍ଟ ଓ ତାର ଗୁଡ଼ିକ ବଦଳାଇବା, ସବୁଠି ଭୂ-ତଳ କେବୁଲ ବ୍ୟବସ୍ଥା ଦ୍ୱାରା ବିଜୁଳି ସଂଯୋଗ ପାଇଁ ଭାଜପା ଦାବି କରିଛି। ସେହିପରି ଅନ୍ୟ ଦାବିଗୁଡ଼ିକ ମଧ୍ୟରେ ସାଉଥ-କୋ ପରିସରରେ ଖୋଲାମେଲାରେ ଥିବା ଟ୍ରାନ୍ସଫର୍ମର ଗୁଡ଼ିକ ହଟାଯାଇ ନିରାପଦ ସ୍ଥାନରେ ସ୍ଥାପନ, ଡ଼ାକ୍ତରଖାନାରେ ଆହତମାନଙ୍କୁ ଉନ୍ନତମାନର ଚିକିତ୍ସା ସେବା ଯୋଗାଇବା ଓ ସମସ୍ତ ଖର୍ଚ୍ଚ ସରକାର ବା ସାଉଥ-କୋ ବହନ କରିବା ଆଦି ଅନ୍ତର୍ଭୁକ୍ତ ।

ଆନ୍ଦୋଳନରେ ଜିଲା ସଂଗଠନ ବରିଷ୍ଠ କାର୍ଯ୍ୟକର୍ତ୍ତା ସୁନୀଲ କୁମାର ସାହୁ, ପ୍ରଭାତ କିରଣ ଷଡ଼ଙ୍ଗୀ, ରାମ କୁମାର ପାତ୍ର, ଯୁବମୋର୍ଚ୍ଚା ନେତା ଏନ.ରାଜେନ୍ଦ୍ର କୁମାର, ସିଦ୍ଧାନ୍ତ ଗଙ୍ଗଦେବଙ୍କ ସମେତ ମନୋରଞ୍ଜନ ଦ୍ୟାନସାମନ୍ତରା, ମଦନ ମୋହନ ପାତ୍ର, ପ୍ରଶାନ୍ତ କର, ରାମକୃଷ୍ଣ ରାଓ, ଏସ୍. ମୋହନ ଦାସ, ଡ଼ା. ସୁବାସ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଆନ୍ଦୋଳନ ସ୍ଥଳରେ ପ୍ରବଳ ଉତ୍ତେଜନା ଦେଖାଦେବାରୁ ପୋଲିସ ପହଞ୍ଚି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ଧାରଣାସ୍ଥଳକୁ ଆସି ସିଇଓ ଦାବିପତ୍ର ଗ୍ରହଣ କରିଥିଲେ । ସପ୍ତାହକ ମଧ୍ୟରେ ଦାବି ପୂରଣ କରାଯିବାର ଲିଖିତ ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ସ୍ଥଗିତ ରଖାଯାଇଥିଲା। ସୂଚନାଯୋଗ୍ୟ, ମେଣ୍ଟରାଜପୁର ଘଟଣା ନେଇ ସିପିଏମ୍ ପକ୍ଷରୁ ଏଓ ଏବଂ ସିଇଓଙ୍କୁ ଗିରଫ ଦାବି ନେଇ ପୋଲିସରେ ଏତଲା ଦିଆଯିବା ପରେ କଂଗ୍ରେସର ଏସ୍‌ପି ଅଫିସ ଆଗରେ ବିକ୍ଷୋଭ କରାଯିବା ପରେ ଦୁର୍ଘଟଣାର ଚତୁର୍ଥ ଦିବସରେ ଭାଜପା ପକ୍ଷରୁ ସାଉଥ-କୋ ଘେରାଉ ସହ ଆନ୍ଦୋଳନ ହୋଇଛି। ତେଣୁ ଏହାକୁ ନେଇ ରାଜନୀତି ଜୋର ଧରିଛି।

## ସଂକ୍ଷେପରେ

### ଗୋପାଳପୁର ସମ୍ବଲପୁର ରେଳ ପ୍ରକଳ୍ପ ଉପରେ ଆଲୋଚନାଚକ୍ର

**ଭଞ୍ଜନଗର,୧୨।୨(ଡି.ଏନ.ଏ):** ଭଞ୍ଜନଗର ପ୍ରତୀକ ସାହିତ୍ୟ ସଂସଦ ପକ୍ଷରୁ ଏକ ଆଲୋଚନାଚକ୍ର ମଙ୍ଗଳବାର ସ୍ଥାନୀୟ ବାର ଆସୋସିଏଶନ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗୋପାଳପୁର ସମ୍ବଲପୁର ରେଳ ପ୍ରକଳ୍ପ ଏବଂ ଓଡ଼ିଶାର ବିକାଶ ଉପରେ ଆଲୋଚନା ହୋଇଥିଲା। ଉକ୍ତ ରେଳ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ଚଳିତ ବଜେଟରେ ଟୋକନ ମନି ରଖିଛନ୍ତି। କିନ୍ତୁ ଏବେବି ପ୍ରକଳ୍ପ କାମ ଆରମ୍ଭ କରିବା ପାଇଁ ଅନେକ କାମ ବାକିଅଛି। ସେଥିମଧ୍ୟରେ ଚୂଡ଼ାନ୍ତ ସର୍ଭେ ଉପସ୍ଥାପନ, ଅନୁଦାନ ସମେତ ଅନ୍ୟାନ୍ୟ କାର୍ଯ୍ୟ ବାକି ଅଛି। ଏହାହେଲେ ହିଁ ଯାଇ ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତି ହୋଇପାରିବ। ଉକ୍ତ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଗଞ୍ଜାମ, କନ୍ଧମାଳ, ବୌଦ୍ଧ ଜିଲା ସମେତ ଅନ୍ୟ ଅଞ୍ଚଳର ବିକାଶ ହେବ। କନ୍ଧମାଳ ଜିଲାରୁ ଉତ୍ପାଦିତ ହେଉଥିବା ଦ୍ରବ୍ୟ ରାଜ୍ୟ ଓ ରାଜ୍ୟ ବାହାରକୁ ରପ୍ତାନି ହୋଇପାରିବ। ଲୋକଙ୍କ ଆର୍ଥିକ କ୍ଷେତ୍ରରେ ଉନ୍ନତି ଆସିପାରିବ। ତେଣୁ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରକଳ୍ପଟିକୁ ପ୍ରାଧାନ୍ୟ ଦେଇ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଥିଲା ବୋଲି ସଂସଦର ସମ୍ପାଦକ ବାଳକୃଷ୍ଣ ପଟ୍ଟନାୟକ ସୂଚନା ଦେଇଛନ୍ତି। ବୈଠକରେ ସଂସଦର ସଭାପତି ରବୀନ୍ଦ୍ର ଦାସ ଅଧକ୍ଷତା କରିଥିଲେ। ଅବସରପ୍ରାପ୍ତ କଲେଜ ଅଧକ୍ଷ ଡ଼.କମ୍ବୁପାଣି ସାମନ୍ତ, ଆଇନଜୀବୀ ସୋମନାଥ ନାୟକ, ଏମ୍. ତାଜ୍ ଆଦେନୀ, ଦିବାକର ନାୟକ, ଦଣ୍ଡପାଣି ସ୍ୱାଇଁ, ଗୋପାଳ ପ୍ରଧାନ, ଡ଼.ସୁଶାନ୍ତ ତ୍ରିପାଠୀ, ସନ୍ତୋଷ ନାୟକ, ବଟକୃଷ୍ଣ ପଣ୍ଡା, ସନ୍ତୋଷ ତିଆଡ଼ି, ଅଭିମନ୍ୟୁ ଗୌଡ଼ ପ୍ରମୁଖ ଆଲୋଚନାରେ ଭାଗନେଇ ମତ ରଖିଥିଲେ। ସମ୍ପାଦକ ବାଳକୃଷ୍ଣ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ପ୍ରିୟଙ୍କାରାଣୀଙ୍କ ସ୍ମୃତିରେ ବକ୍ତୃତା ପ୍ରତିଯୋଗିତା

ଦିଗପହଣ୍ଡି,୧୨।୨(ଡି.ଏନ.ଏ.)-ମୃତ୍ୟୁ ପୂର୍ବରୁ କିଡ୍‌ନୀ ପ୍ରଦାନ କରି ଓଡିଶା ଚିକିତ୍ସା ବିଜ୍ଞାନରେ ନୂଆ ଅଧ୍ୟାୟ ସୃଷ୍ଟି କରିଥିବା ଦିଗପହଣ୍ଡିର ପ୍ରିୟଙ୍କାରାଣୀ ପାତ୍ରଙ୍କ ସ୍ମୃତିରେ ସ୍ଥାନୀୟ ବିଭିନ୍ନ ସ୍କୁଲ ଓ କଲେଜରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଖେମୁଣ୍ଡି ସ୍ୱେଚ୍ଛାକୃତ ରକ୍ତଦାତା ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ସମ୍ପାଦକ ହରପ୍ରସାଦ ରଥ ପରିଚାଳନା କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସ୍ମୃତିମୟୀ ପାଣିଗ୍ରାହୀ ଏବଂ ସ୍ମରଣିକା ମହାପାତ୍ର ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ବାଳିକା ଉଚ୍ଚ ବିଦ୍ୟାଳୟରେ ଆଶା ବିଷୋୟୀ ଏବଂ ସ୍ୱର୍ଣ୍ଣମୟୀ ମହାରଣା, ବଡଖେମୁଣ୍ଡି ହାଇସ୍କୁଲରେ ନବକୃଷ୍ଣ ଚୌଧୁରୀ ଏବଂ ରୁଦ୍ର ନାରାୟଣ ଗୌଡ, ବିଜୁ ପଟ୍ଟନାୟକ ଜୁନିୟର ମହିଳା ମହାବିଦ୍ୟାଳୟରେ ନିଶାମଣି ସେଠୀ ଏବଂ ସନିତା କୁମାରୀ ମିଶ୍ର, ଡିଗ୍ରୀ ମହାବିଦ୍ୟାଳୟରେ ପ୍ରଣତି ମହାପାତ୍ର ଏବଂ ଲିପିକା ଚୌଧୁରୀ, ଖେମୁଣ୍ଡି ମହାବିଦ୍ୟାଳୟରେ ଶ୍ରୀକାନ୍ତ ସାହୁ ଏବଂ ଜଗଦୀଶ ଦୋରା ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ହୋଇଥିଲେ। ଗୁରୁବାର ବ୍ଲକ ସମ୍ମିଳନୀ କକ୍ଷରେ ପ୍ରିୟଙ୍କାରାଣୀଙ୍କ ଉଦ୍ଦେଶ୍ୟରେ ହେବାକୁ ଥିବା ବ୍ଲକସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ ବୋଲି ସମ୍ପାଦକ ରଥ ପ୍ରକାଶ କରିଛନ୍ତି।

### ଚକ୍ଷୁ ପରୀକ୍ଷା ଶିବିର

**ଗଞ୍ଜାମ,୧୨।୨(ଡି.ଏନ.ଏ.):** ଗଞ୍ଜାମ ଏନଏସି ଅନ୍ତର୍ଗତ ଦାମୋଦରପୁର ବଜରଙ୍ଗି ୟୁଥକ୍ଲବ ଓ ଗଞ୍ଜାମ ବ୍ଲକ ସୁବଳୟା ପଞ୍ଚାୟତରେ ଗ୍ରାସୀମ କମ୍ପାନୀ ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶଙ୍କର ଚକ୍ଷୁ ଚିକିତ୍ସାଳୟ ସହଯୋଗରେ ଆୟୋଜିତ ଏହି ଶିବିରକୁ ମୁଖ୍ୟ ଅତିଥି ଭାବେ ଗ୍ରାସୀମ ଡିଜିଏମ, ସିଆରସି ମୁଖ୍ୟ ରବୀନ୍ଦ୍ର କୁମାର ମହାନ୍ତି ଉଦ୍‌ଘାଟନ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ବିଡିଓ ଜ୍ୟୋତି ଶଙ୍କର ରାୟ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, କେଦାର ନାଥ ସ୍ୱାଇଁ, ଶଙ୍କର ଚକ୍ଷୁ ଚିକିତ୍ସାଳୟ ମୁଖ୍ୟ ଅଧିକାରୀ ଅରବିନ୍ଦ ମହାନ୍ତି, ଅପରେଶନ ମ୍ୟାନେଜର ବିଶ୍ୱଜିତ ବେହୁରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୁବଳୟା ଶିବିରରେ ୧୦୩ ଓ ଦାମୋଦରପୁର ଠାରେ ୫୮ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଜେଲ ଗଲେ ୩ ସେବାୟତ, ରକ୍ତଭିଜା ଖଣ୍ଡା ଜବତ

**ପୁରୁଷୋତ୍ତମପୁର,୧୨।୨(ଡି.ଏନ.ଏ.)**

- ତାରାତାରିଣୀ ପୀଠରେ ଭକ୍ତଙ୍କୁ ଖଣ୍ଡାରେ ହାଣିବା ଘଟଣା
- ପାଟ୍ରୋଲିଂ କଡାକଡି ଲାଗି ଏସ୍‌ଡିପିଓଙ୍କ ନିର୍ଦ୍ଦେଶ
- ସେବାୟତ ସଂଘ ସଭାପତିଙ୍କ ଅସ୍ୱୀକାର

ଗଞ୍ଜାମ ଜିଲାର ପ୍ରସିଦ୍ଧ ଦୈବୀପୀଠ ମା'ତାରାତାରିଣୀ ମନ୍ଦିରରେ ଦକ୍ଷିଣାକୁ କେନ୍ଦ୍ରକରି ମଙ୍ଗଳବାର ସେବାୟତ ପୂଜକ ଭକ୍ତଙ୍କୁ ଖଣ୍ଡାରେ ହାଣିଥିଲେ। ଏହି ଘଟଣାରେ ପୁରୁଷୋତ୍ତମପୁର ପୋଲିସ ବୁଧବାର ତିନି ସେବାୟତ ଗୋବିନ୍ଦପୁର ଗ୍ରାମର ଋଷି ଓରଫ ଋଷିକେଶ ରଣା, ରାଜେନ୍ଦ୍ର ରଣା ଓ ଅନୁପ ରଣାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହା ସହ ଘଟଣାରେ ବ୍ୟବହୃତ ରକ୍ତଭିଜା ଖଣ୍ଡା ମଧ୍ୟ ଜବତ ହୋଇଛି। ଏମାନଙ୍କ ବିରୋଧରେ ନଂ. ୩୩/୨୦ ଦଫା ୩୪୧/୨୯୪/୩୨୩/ ୩୨୪/ ୩୦୭/୫୦୬/୩୪ ଆଇପିସିରେ ମାମଲା ରୁଜୁ ହୋଇଛି। ପୂର୍ବରୁ ମଧ୍ୟ ପୁରୁଷୋତ୍ତମପୁର ଥାନାରେ ଏମାନଙ୍କ ନାମରେ ବହୁ ମାମଲା ରହିଥିବା ତଦନ୍ତକାରୀ ପୋଲିସ ଅଫିସର ଏସ୍‌ଆଇ ସୁନୀଲ କୁମାର ପ୍ରଧାନ କହିଛନ୍ତି।

ପ୍ରକାଶ ଯେ, ମଙ୍ଗଳବାର କୋଦଳା ଥାନା ଜାପଟା ରାମପଲ୍ଲୀ ଗ୍ରାମର ଜଣେ ବ୍ୟକ୍ତି ନୂତନ ବସ୍ ପୂଜା କରିବାକୁ ତାରାତାରିଣୀ ପୀଠକୁ ଆସିଥିଲେ। ସାଙ୍ଗରେ ଆସିଥିବା ସମ୍ପର୍କୀୟ ସାରସ ବାରିକ ନାମ୍ନୀ ମହିଳା ପୂଜାର୍ଚ୍ଚନା କରିଥିଲେ। ସେବାୟତ ପୂଜକ ୫ ହଜାର ଟଙ୍କା ଦକ୍ଷିଣା ମାଗିଥିଲେ। ନ ଦେବାରୁ ତାଙ୍କୁ ଗାଳିଗୁଲଜ କରିଥିଲେ। ପାଖରେ ଥିବା ସାରସଙ୍କ ଜ୍ୱାଇଁ ଅକ୍ଷୟ ପ୍ରଧାନ ପ୍ରତିବାଦ କରିଥିଲେ। ରାଗିଯାଇ ପୂଜକ ଏକ ଖଣ୍ଡା ଆଣି ହାଣି ପକାଇଥିଲେ। ପାଖରେ ଥିବା ଅନ୍ୟଜଣେ ଭକ୍ତ ପୁରୁଷୋତ୍ତମପୁରର ସୁଦାମ ମହାରଣାଙ୍କୁ ମଧ୍ୟ ହାଣିଥିଲେ। ସାରସ ପୁରୁଷୋତ୍ତମପୁର ଥାନାରେ ଏତଲା ଦେବାପରେ ପୋଲିସ ପୂଜକ ଋଷି ରଣା, ଅନୁପ ରଣା ଓ ରାଜେନ୍ଦ୍ର ରଣାଙ୍କୁ ଗିରଫ କରିଥିଲା।


ଗିରଫ ୩ ସେବାୟତ ଓ ଜବତ ରକ୍ତଭିଜା ଖଣ୍ଡା।

ଘଟଣାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖା ଦେଇଛି। ଏଭଳି ଘଟଣାର ଯେପରି ପୁନରାବୃତ୍ତି ନ ଘଟେ ସେଥିପ୍ରତି ପୋଲିସ ଓ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି। ପୁରୁଷୋତ୍ତମପୁର ଏସ୍‌ଡିପିଓ ସୀମା ସ୍ୱାଇଁ ଘଟଣାକୁ ଗୁରୁତର ସହ ନେଇ ମନ୍ଦିର ଇଲାକାରେ ପାଟ୍ରୋଲିଂ କଡାକଡି କରିବାକୁ ଆଇଆଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ସେ କହିଛନ୍ତି ଯେ, ମନ୍ଦିର ପରିସରରେ ଏକ ଆଉଟପୋଷ୍ଟ ଯଥାଶୀଘ୍ର ଖୋଲାଯିବ। ସେତେବେଳ ପର୍ଯ୍ୟନ୍ତ ବିଟ୍ ହାଉସରେ ଅଧିକା କର୍ମଚାରୀଙ୍କ ସହ ଅଫିସରଙ୍କୁ ନିୟୋଜିତ ଲାଗି ଗଞ୍ଜାମ ଏସ୍‌ପିଙ୍କୁ ଜଣାଇ ପଦକ୍ଷେପ ନେବୁ।

ମନ୍ଦିର ନିର୍ବାହୀ ଅଧିକାରୀ ଟି. କେ. ରେଡ୍ଡୀ କହିଛନ୍ତି ଯେ, ଏହା ଅତି ଦୁଃଖଦ ଘଟଣା। ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ। ବରିଷ୍ଠ ଓକିଲ ତଥା ପୁରୁଷୋତ୍ତମପୁର ଓକିଲ ସଂଘର ପୂର୍ବତନ ସଭାପତି ଉପେନ୍ଦ୍ର ପଣ୍ଡା ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଯେ, ଏଠାରେ କେତେଜଣ ପୂଜକଙ୍କ ଦୌରାତ୍ମ୍ୟ ବଢ଼ି ଚାଲିଛି। ଗତ ୩୧ ତାରିଖରେ ସେ ନିଜେ ମନ୍ଦିରକୁ ଯାଇଥିବା ବେଳେ ପୂଜକ ୫ ଶହ ଦକ୍ଷିଣା ଦାବି କରିଥିଲେ। ପ୍ରଶାସନର ଉଦାସୀନତା ଯୋଗୁ ଏଭଳି ଘଟୁଛି। ପର୍ଯ୍ୟଟକ ମୁହଁ ଫେରାଉଛନ୍ତି। ସରକାର ଓ ବରିଷ୍ଠ ପ୍ରଶାସନିକ ଅଧିକାରୀ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ।

ସେବାୟତ ସଂଘର ସଭାପତି ତପନ କୁମାର ରଣା କହିଛନ୍ତି ଯେ, ଏହା ଦୁଃଖର ବିଷୟ। ସେବାୟତ ମାନଙ୍କର କୌଣସି ଭୂଲ ନାହିଁ। ସେହି ଭକ୍ତମାନେ ଜଣେ ପୂଜକଙ୍କୁ ପୂଜା କରିବା ଲାଗି ଡାକିଥିଲେ। ମାତ୍ର ସେ ମନାକରି ଅନ୍ୟ ପୂଜକଙ୍କୁ ଡାକିବାକୁ କହିଥିଲେ। ଫଳରେ ସେଠାରେ ଭକ୍ତମାନେ ଯୁକ୍ତିତର୍କ କରିଥିଲେ। ସେଠାରେ ଥିବା ଋଷି ଓ ରାଜେନ୍ଦ୍ର ବୁଝାଇବାରୁ ଭକ୍ତମାନେ ସେମାନଙ୍କୁ ମାଡ ମାରିଥିଲେ। ଫଳରେ ସେମାନେ ପାଖ ଦୋକାନରେ ଥିବା ଖଣ୍ଡା ଆଣି ଦେଖାଇବାବେଳେ ତାହା ଭକ୍ତଙ୍କୁ ବାଜି କଟିଯାଇଥିଲା।

## ଭଞ୍ଜ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟ: ସେମିରେ କୋଲକାତା

**ଭଞ୍ଜନଗର,୧୨।୨(ଡି.ଏନ୍.ଏ.)**

ଭଞ୍ଜନଗର ଜେଲ ପଡ଼ିଆରେ ଚାଲିଥିବା ୫ମ ଭଞ୍ଜଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟ ଗ୍ରୁପ୍- 'ବି'ର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ସମ୍ବଲପୁର ଏଫ୍‌ସି ଓ କୋଲକାତା ଭାଇପର୍ସ ମଧ୍ୟରେ ବୁଧବାର ଖେଳାଯାଇଥିଲା। ଏଥିରେ କୋଲକାତା ୧-୦ରେ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ସମ୍ବଲପୁରର ୭ ନମ୍ବର ଜର୍ସି ଖେଳାଳୀ ରାଜୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ମ୍ୟାଚକୁ ରେଫରୀ ପ୍ରଶାନ୍ତ କୁମାର ପାଲ, ଲାଇନ୍ସମ୍ୟାନ୍ ବ୍ରହ୍ମାନନ୍ଦ ଭୋଇ, ଦୁର୍ଗା ଆଚାରୀ, ପି. ରମେଶ, ମୋଚିରାମ ରଣସିଂ ପରିଚାଳନା କରିଥିଲେ। ବରିଷ୍ଠ କ୍ରୀଡ଼ାବିତ୍ ପି. ଆନନ୍ଦ ରାଓ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଗୁରୁବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଆୟୋଜକ ଭଞ୍ଜନଗର ଫୁଟବଲ ଆସୋସିଏଶନ ସହ ତେଲେଙ୍ଗାନା ଆର୍ମି ଏକାଡ଼େମୀ (ହାଇଦ୍ରାବାଦ) ମଧ୍ୟରେ ଖେଳାଯିବ।

# ଚୋରା ମଦ କାରବାର, ହୋଟେଲ ଉପରେ ନଜର ରହିବ

**ଭଞ୍ଜନଗର,୧୨।୨(ଡି.ଏନ.ଏ)**

**ଉପଖଣ୍ଡସ୍ତରୀୟ ମିଳିତ ଶୃଙ୍ଖଳା କମିଟି ବୈଠକ**

ଭଞ୍ଜନଗର ଉପଖଣ୍ଡସ୍ତରୀୟ ମିଳିତ ଶୃଙ୍ଖଳା କମିଟି ବୈଠକ ବୁଧବାର ଅପରାହ୍ନରେ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ଅଧକ୍ଷତା କରିଥିଲେ। ସହରର କିଛି ହୋଟେଲ ବେନିୟମ ଭାବେ ଚାଲିଛି। ଫୁଡ୍ ଲାଇସେନ୍ସ ନାହିଁ, ଚୋରା ମଦ କାରବାର ହେଉଛି। ଏନେଇ ହୋଟେଲ ଗୁଡ଼ିକ ଉପରେ ଅଚାନକ ଚଢ଼ାଉ କରାଯାଇ ଯାଞ୍ଚ କରାଯିବ। ରାତିରେ ନିଶାଦ୍ରବ୍ୟ କାରବାର ବଢୁଛି। ଏହାକୁ ନିୟନ୍ତ୍ରଣ କରିବାକୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ। ବେନିୟମ ମଦ ବିକ୍ରି ଓ ପ୍ରସ୍ତୁତକାରୀଙ୍କ ବିରୁଦ୍ଧରେ ନଜର ରଖି କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ରାତି ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବ। ଔଷଧ ଦୋକାନ ଓ କ୍ଲିନିକ୍ ଉପରେ ନଜର ରଖିବା ପାଇଁ ବୈଠକରେ ନିଷ୍ପତି ନିଆଯାଇଥିଲା। ଭଞ୍ଜନଗର ତହସିଲଦାର ଆଲୋକ କୁମାର ପ୍ରଧାନ, ସୋରଡ଼ା ଅତିରିକ୍ତ ତହସିଲଦାର କୁରେଶ ଚନ୍ଦ୍ର ଜାନି, ବେଲଗୁଣ୍ଠା ଅତିରିକ୍ତ ତହସିଲଦାର ଧରଣୀଧର ବେହେରା, ଜଗନ୍ନାଥପ୍ରସାଦ ଅତିରିକ୍ତ ତହସିଲଦାର ବୋରିଆଲ ମୁର୍ମୁ, ଗଞ୍ଜାମ ଅବକାରୀ ଡ଼େପୁଟି ସୁପରିଟେଣ୍ଡେଣ୍ଟ ଅଭିରାମ ବେହେରା, ଭଞ୍ଜନଗର ଥାନା ଅଧିକାରୀ ସୁଦୀପ୍ତ ସାହୁ ପ୍ରମୁଖ ବୈଠକରେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।


ବୈଠକରେ ଉପସ୍ଥିତ ଅଧିକାରୀ।

# ଅନ୍‌ସ୍ଲୋ ହାଇସ୍କୁଲ ବାର୍ଷିକୋତ୍ସବ



ଉପସ୍ଥିତ ଅତିଥିମାନେ।

**ଛତ୍ରପୁର,୧୨।୨(ଡି.ଏନ.ଏ)**

ଅନ୍‌ସ୍ଲୋ ସରକାରୀ ହାଇସ୍କୁଲର ୧୬୫ ତମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଛତ୍ରପୁର ବ୍ଲକ ଶିକ୍ଷାଧିକାରୀ ଅବିନାଶ ଶତପଥୀ ଅଧକ୍ଷତା କରିଥିଲେ। ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ଉତ୍ତମ ନାଗରିକ ହେବା ପାଇଁ ଭଲ ପାଠ ପଢିବାକୁ ପଡିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ ଯୋଗଦେଇ ଶିକ୍ଷାର ଗୁଣାତ୍ମକ ବିକାଶ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍କୁଲ ପରିଚାଳନା କମିଟିର ଅଧକ୍ଷ ଦିଲୀପ କୁମାର ସାମଲ ଯୋଗଦେଇ ଛାତ୍ରୀ ଛାତ୍ରମାନଙ୍କୁ ବିଭିନ୍ନ ବିଷୟ ଉପରେ ପରାମର୍ଶ ଦେଇଥିଲେ। ସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବାଉରିବନ୍ଧୁ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ଜଗଦୀଶ ଚନ୍ଦ୍ର ପଲେଇ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଛାତ୍ରାବାସ, ଅତିଥି ନିବାସ ଉଦ୍‌ଘାଟିତ

**ଗୋପାଳପୁର,୧୨।୨**

ଗୋପାଳପୁର ଏନ୍‌ଏସି ଅଞ୍ଚଳରେ ବୁଧବାର ସମବାୟ ପରିଚାଳନା ପ୍ରତିଷ୍ଠାନ ନୂତନ ଛାତ୍ରାବାସ ଓ ଅତିଥି ନିବାସ ଉଦ୍‌ଘାଟିତ ହୋଇଯାଇଛି। ସମବାୟ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଗୋପାଳପୁର ବିଧାୟକ ଡ.ପ୍ରଦୀପ କୁମାର ପାଣିଗ୍ରାହୀ, ଓଡ଼ିଆ ରାଜ୍ୟ ସମବାୟ ୟୁନିୟନ ସଭାପତି ହେମନ୍ତ ନାୟକ, ସମବାୟ ନିବନ୍ଧକ ବିଭୂତି ଭୂଷଣ ପଟ୍ଟନାୟକ, ସର୍ବଭାରତୀୟ ଶିକ୍ଷା କମିଟି ସଦସ୍ୟ ସନାତନ ସଂଗ୍ରାମ ସିଂ, ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ ସଭାପତି ଅଲେଖ ଚୌଧୁରୀ, ଆସିକା ସମବାୟ କେନ୍ଦ୍ର ସଭାପତି ବ୍ୟାଙ୍କ ବୀରେନ୍ଦ୍ର କେଶରୀ ଆରୁଖ, ରାଜ୍ୟ ସମବାୟ ୟୁନିୟନ ନିର୍ଦ୍ଦେଶକ କାର୍ତ୍ତିକେଶ୍ୱର ପରିଡା, ସମ୍ପାଦକ ମନୋରଞ୍ଜନ ନାୟକ, ଉପନିର୍ଦ୍ଦେଶକ ବିଶ୍ୱରଞ୍ଜନ ଦାସ, ସମବାୟ ପରିଚାଳନା ପ୍ରତିଷ୍ଠାନର ଅଧକ୍ଷ ଶିବ ପ୍ରସାଦ ସ୍ୱାଇଁ ଉପସ୍ଥିତ ଥିଲେ। ଶେଷରେ ସମବାୟ ପରିଚାଳନା ପ୍ରତିଷ୍ଠାନ ପରିସରରେ ଆୟୋଜିତ ସେମିନାରରେ ମଧ ମନ୍ତ୍ରୀ ସ୍ୱାଇଁ ଯୋଗ ଦେଇଥିଲେ।

# ଭୂତଳ ଜଳ ପରିଚାଳନା ସମ୍ପର୍କିତ ଜନ ବାର୍ତ୍ତାଳାପ

**ଖଲ୍ଲିକୋଟ, ୧୨।୨(ଡି.ଏନ.ଏ.)**

ଖଲ୍ଲିକୋଟ ବ୍ଲକ ପରିସରରେ ମଙ୍ଗଳବାର ଭାରତ ସରକାରଙ୍କ ଜଳଶକ୍ତି ମନ୍ତ୍ରାଳୟ ଆନୁକୂଲ୍ୟରେ ଭୂତଳ ଜଳ ପରିଚାଳନା ସମ୍ପର୍କିତ ଜନ ବାର୍ତ୍ତାଳାପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖଲ୍ଲିକୋଟ ବିଡିଓ ନବକୃଷ୍ଣ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ଭୂମି ଜଳ ବୋର୍ଡ଼ ଦକ୍ଷିଣପୂର୍ବ ଭୁବନେଶ୍ୱର ଜଳଶକ୍ତି ମନ୍ତ୍ରାଳୟରୁ ଆସିଥିବା ବୈଜ୍ଞାନିକ ଡ. ସୁଦର୍ଶନ ସାହୁ, ଡ.ଏନ. ଶ୍ରୀନିବାସ ପ୍ରମୁଖ ମଞ୍ଚାସୀନ ଥିଲେ। ଭୂତଳ ଜଳସ୍ତର ସ୍ଥିତି, ଭୂଜଳ ଦୋହନ, ଭୂଜଳ ପ୍ରବନ୍ଧନର ନୀତି ଆଦି ଉପରେ ଏଥିରେ ଆଲୋଚନା ହୋଇଥିଲା। ବୈଜ୍ଞାନିକ ଚିରଶ୍ରୀ ମହାନ୍ତି ଖଲ୍ଲିକୋଟ ବ୍ଲକ ସେଫ ଜୋନରେ ଥିଲେ କିପରି ଜଳ ସଂରକ୍ଷଣ କରାଯାଇପାରିବ, କେତେ ପରିମାଣର ଗଚ୍ଛିତ ଅଛି, କିପରି ଜଳସ୍ତର କମେ, ଜଳର ବିଭାଗୀୟ ବଣ୍ଟନ ଉପରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ବହୁ ସମିତିସଭ୍ୟ, ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ଋଷିକୁଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକୋତ୍ସବ

**ସୋରଡ଼ା,୧୨।୨(ଡି.ଏନ.ଏ.):** ଋଷିକୁଲ୍ୟା ଉଚ୍ଚ ମାଧମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ତଥା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଏଥିରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଅଧକ୍ଷ ଅନିଲ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ଅଧାପକ ସୀତାରାମ ଗୌଡ଼, ଗୌରୀ ଶଙ୍କର ଆଚାର୍ଯ୍ୟ, ରିସର୍ଚ୍ଚ ସ୍କଲାର ରାମଚନ୍ଦ୍ର ବିଷୋୟୀ, ଅଧାପକ ଉଷାରାଣୀ ସାବତ ପ୍ରମୁଖ ପରିଚାଳନା କରିଥିଲେ। ପୂର୍ବରୁ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### କୃଷକ ସମ୍ପର୍କ ମେଳା

**କ.ନୂଆଗାଁ,୧୨।୨(ଡି.ଏନ୍.ଏ.):** କ.ନୂଆଗାଁ ବ୍ଲକର ସିର୍ତ୍ତିଗୁଡ଼ା ଯଜ୍ଞମଣ୍ଡପ ପରିସରରେ ମଙ୍ଗଳବାର କୃଷି ବିଭାଗ ପକ୍ଷରୁ କୃଷକ ସମ୍ପର୍କ ମେଳା ଅନୁଷ୍ଠିତ ହୋଇଯାଇଛି। କ.ନୂଆଗାଁ କୃଷି ଜିଲା ଅଧିକାରୀ ପ୍ରଶାନ୍ତ କୁମାର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧକ୍ଷ ରଘୁନାଥ ବିଷୋୟୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ବିଡିଓ ମନୋଜ କୁମାର ତ୍ରିପାଠୀ, ସିର୍ତ୍ତିଗୁଡ଼ା ସରପଞ୍ଚ ବନମାଳି ପ୍ରଧାନ, ସାରଙ୍ଗଗଡ଼ ସମିତି ସଭ୍ୟ ଜୟସେନ ପୂଜାରୀ, ସିର୍ତ୍ତିଗୁଡ଼ା ସମିତି ସଭ୍ୟା ଇନାମତି ଦିଗାଲ ପ୍ରମୁଖ ଯୋଗଦେଇଥିଲେ। ଉଦ୍ୟାନ ବିଭାଗ, ପ୍ରାଣୀସମ୍ପଦ ବିଭାଗ, ଆତ୍ମା ଓ କୃଷି ବିଭାଗ ଅନ୍ୟ କର୍ମଚାରୀମାନେ କୃଷି ବିଷୟରେ ଉପସ୍ଥିତ ବହୁ କୃଷକଙ୍କୁ ସଚେତନ କରିଥିଲେ। ସହକାରୀ କୃଷି ଅଧିକାରୀ ସଂଗ୍ରାମ କୁମାର ସେନାପତି ମଞ୍ଚ ସଞ୍ଚାଳନ କରିଥିଲେ।

### ଆଇଟିଡିଏ ପକ୍ଷରୁ ସମ୍ପର୍କ ଶିବିର

**ରାଇକିଆ,୧୨।୨(ଡ଼ି.ଏନ.ଏ):** ରାଇକିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ତରଫରୁ ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ମାନିନୀ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଆଦିବାସୀ ଉନ୍ନୟନ ସଂସ୍ଥା ସ୍ୱତନ୍ତ୍ର ଅଧିକାରୀ ଦୟାନିଧି ନାୟକ, ବିଡ଼ିଓ ପ୍ରବୀଣ କୁମାର ବାଣୁଆ, ବ୍ଲକ ଉପାଧକ୍ଷ ସୁରେଶ ପ୍ରଧାନ, ଆଇଟିଡ଼ିଏ ପ୍ରକଳ୍ପ ପରିଚାଳକ ସମିର ନାୟକ, କୁଇ ସମାଜ ରାଇକିଆ ଶାଖା ସଭାପତି ବାବୁଲା ପ୍ରଧାନ, ସହକାରୀ ଯନ୍ତ୍ରୀ ଅନିରୁଦ୍ଧ ଉହାନା ଯୋଗ ଦେଇଥିଲେ। ମୋ ସରକାର ଯୋଜନା ମାଧମରେ ଅନୂସୂଚିତ ଜନଜାତି ଓ ଅନୂସୂଚିତ ଜାତି ବର୍ଗର ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା କରିଛନ୍ତି। ଏହି ସବୁ ଯୋଜନାର ସଫଳ ରୂପାୟନ ଏବଂ ଜନ ସାଧାରଣଙ୍କୁ ଅବଗତ କରାଇବା ନିମନ୍ତେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ବିଏସ୍‌ଏସ୍‌ଓ ସଙ୍ଗୀତା ବେହେରା, ଅତିରିକ୍ତ କୃଷି ଅଧିକାରୀ ସୁଦିପ୍ତା ପ୍ରଧାନ, ଅତିରିକ୍ତ ଉଦ୍ୟାନ ବିଭାଗ ଅଧିକାରୀ ଲିପ୍‌ସା ଦଳବେହେରା ଏବଂ ବିଭିନ୍ନ ବିଭାଗର ଅଧିକାରୀ, ସରପଞ୍ଚ, ସମିତି ସଭ୍ୟମାନେ ଯୋଗ ଦେଇଥିଲେ। ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରୁ ବହୁ ସଂଖ୍ୟାରେ ଲୋକେ ଉପସ୍ଥିତ ଥିଲେ। ଡିଏଭି ସ୍କୁଲର ଶିକ୍ଷକ ତ୍ରିଲୋଚନ ପଣ୍ଡା ସଭା ସଂଯୋଜନ କରିଥିଲେ। ରାଇକିଆ ମଙ୍ଗଳ ସଂପ୍ରସାରଣ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କିଷାନ କ୍ରେଡିଟ କାର୍ଡରେ ଲାଭ ନିଅନ୍ତୁ କୃଷକ

**ଫୁଲବାଣୀ ଅଫିସ, ୧୨।୨**



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଅଧିକାରୀ।

ସରକାର କୃଷକମାନଙ୍କ ପାଇଁ କିଷାନ କ୍ରେଡିଟ କାର୍ଡ ବ୍ୟବସ୍ଥା କରିଛନ୍ତି। ଚାଷ ପାଇଁ ଏହାର ସମସ୍ତ ସୁବିଧା ଯେପରି ସମସ୍ତ କୃଷକ ନେବେ ଏବଂ ଏଥିରୁ କେହି ବଞ୍ଚିତ ନ ହେବେ ସେ ନେଇ ଏକ ଖବରଦାତା ସମ୍ମିଳନୀ ଶୁକ୍ରବାର ସ୍ଥାନୀୟ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାବାର୍ଡ ଏଜିଏମ୍ ଶ୍ରୀବତ୍ସ ଲାଞ୍ଛନ ଦାସ ଯୋଗଦେଇ କହିଥିଲେ, ଯେଉଁମାନେ ଏହି କାର୍ଡ ପାଇଛନ୍ତି ସେମାନେ ସରକାରଙ୍କ ଦ୍ୱାରା ଦିଆଯାଉଥିବା ବିଭିନ୍ନ ଲାଭ ନେଇପାରିବେ। ଯେଉଁମାନେ କାର୍ଡ ପାଇ ନାହାନ୍ତି ସେମାନେ ନିକଟସ୍ଥ ବ୍ୟାଙ୍କକୁ ଯାଇ ନିର୍ଦ୍ଧାରିତ ଫର୍ମ ପୂରଣ କରି କାର୍ଡ ନେଇପାରିବେ। ଫେବୃୟାରୀ ୮ରୁ ୧୫ ଦିନ ପର୍ଯ୍ୟନ୍ତ ଏହି ସୁବିଧା ମିଳିବ। ତେଣୁ ସମସ୍ତ କୃଷକ ଏହାର ଫାଇଦା ନେବାକୁ କହିଥିଲେ।

କିଷାନ କ୍ରେଡିଡ କାର୍ଡ (କେସିସି) ହେଉଛି ଏଟିଏମ ଭଳି ଏକ କାର୍ଡ। ଜଣେ ଚାଷୀ ବ୍ୟାଙ୍କରେ ଖାତା ଖୋଲିବା ପରେ କେସିସି ପାଇଁ ଏକ ନିର୍ଦ୍ଧାରିତ ଫର୍ମ ପୂରଣ କରିବାକୁ ହୁଏ। ଯାହା ଏକ ପ୍ରକାର ଲୋନ ଆକାଉଣ୍ଟ। ଚାଷୀର ଜମି ଏବଂ ସେ କେଉଁ ପ୍ରକାର ଫସଲ କରୁଛନ୍ତି, ସେହି ଅନୁସାରେ ସରକାରଙ୍କ ନିୟମ ଅନୁସାରେ ତାଙ୍କୁ ଆର୍ଥିକ ସହାୟତା ଦିଆଯାଏ। ଏହାଠୁ ଅଧିକ ହେଲେ ୨ ପ୍ରତିଶତ ସୁଧ ଦେବାକୁ ପଡେ। ଜଣେ ଚାଷୀ ଏହି କାର୍ଡରେ ନିଜର ଚାଷ ସମ୍ବନ୍ଧୀୟ ତଥ୍ୟ ଦେଇ ସର୍ବାଧିକ ୩ ଲକ୍ଷ ଟଙ୍କା ନେଇ ପାରିବ। ଚାଷ ପାଇଁ ଉଦ୍ଦିଷ୍ଟ ସମୟ ସୀମା ପୂରଣ ଅବା ଅମଳ ପରେ ପରେ ଚାଷୀଙ୍କୁ ଏହି ଟଙ୍କା ଶୁଝିବାକୁ ପଡିବ। ପୁଣି ଥରେ ଚାଷ କଲେ ସେ ଆବେଦନ ଫର୍ମ ପୂରଣ କରି ଆଉ ଟଙ୍କା ଚାଷ ପାଇଁ ନେବାକୁ ନିୟମ ରହିଛି।

ଯେଉଁ ଚାଷୀଙ୍କର ବ୍ୟାଙ୍କରେ ପିଏମ୍ କିଷାନ ଖାତା ଅଛି, ସେହି ଶାଖାରେ ଚାଷୀ ସମ୍ପର୍କ କରି କେସିସି କାର୍ଡ ନେବେ। ଆବଶ୍ୟକ ପଡିଲେ ଏହାର ସମୟ ସୀମା ମଧ୍ୟ ବଢ଼ାଇ ପାରିବେ। ଯାହାର କେସିସି କାର୍ଡ ନିଷ୍କ୍ରିୟ ହୋଇ ଯାଇଛି ତାହାକୁ ପୁନର୍ବାର ସକ୍ରିୟ କରାଇ ପାରିବେ। ଯେଉଁମାନଙ୍କ ପାଖରେ କେସିସି ସେବା ନାହିଁ, ସେମାନେ ନିଜର ଫସଲ ବିବରଣୀ ସହ ଜମି କାଗଜପତ୍ର ଆଣି ବ୍ୟାଙ୍କ ଶାଖା କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରି ନୂଆ ସୀମା ମଞ୍ଜୁର କରି ଏହି କାର୍ଡ ନେବେ। ସେହିପରି ଯେଉଁ ଚାଷୀଙ୍କ ପାଖରେ ଏହି କାର୍ଡ ଅଛି ଏବଂ ସେମାନେ ପଶୁ ପାଳନ, ମତ୍ସ୍ୟ ଚାଷ ପାଇଁ ସୀମା ବୃଦ୍ଧି କରିବାକୁ ଚାହାନ୍ତି, ସେମାନେ ନିଜ ଶାଖାରେ ପରାମର୍ଶ ନେଇ କରି ପାରିବେ। କନ୍ଧମାଳ ଜିଲାରେ ୧ ଲକ୍ଷ ୫୦ ହଜାର କୃଷକ ରେକର୍ଡ ଭୁକ୍ତ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୧ ଲକ୍ଷ ୧ ହଜାର କୃଷକ କେସିସି କାର୍ଡ ପାଇଥିବା ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଜିଲା କୃଷି ଅଧିକାରୀ ରବି ନାୟକ, ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ମନୋଜ କୁମାର ଦାସ, ଲିଡ ବ୍ୟାଙ୍କ ମ୍ୟାନେଜର କଳ୍ପତରୁ ସ୍ୱାଇଁ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଗୌର କୁମାର ଦାସ, ସମବାୟ ଉପ ନିବନ୍ଧକ ପ୍ରଭାତ କୁମାର ଜେନା, ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଆଞ୍ଚଳିକ ପ୍ରବନ୍ଧକ ଆଡଲା ଶ୍ରୀନିବାସ ରାଓଙ୍କ ସମେତ ଅନ୍ୟ ବ୍ୟାଙ୍କ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

## ଲୁର୍ଦ୍ଧୁମେରୀ ଯାତ୍ରା ଉଦ୍‌ଯାପିତ

**ସୋରଡ଼ା,୧୨।୨(ଡି.ଏନ.ଏ.)**

ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କର ପ୍ରସିଦ୍ଧ ଲୁର୍ଦ୍ଧୁମେରୀ ଯାତ୍ରା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ସୋରଡ଼ାଠାରୁ ୧୦ କି.ମି ଦୂର ଅସୁରବନ୍ଧ ପଞ୍ଚାୟତ ଦାନ୍ତଲିଙ୍ଗି ଗ୍ରାମ ଲୁର୍ଦ୍ଧୁମେରୀ ପାହାଡ଼ ପାଦଦେଶରେ ରବିବାରଠାରୁ ଏହି ଯାତ୍ରା ଚାଲିଥିଲା। ଗଞ୍ଜାମ, ଗଜପତି, କନ୍ଧମାଳ, କୋରାପୁଟ, ବୌଦ୍ଧ, ଭୁବନେଶ୍ୱରରୁ ଶ୍ରଦ୍ଧାଳୁମାନେ ଏହାକୁ ଆସି ବିଶ୍ୱଶାନ୍ତି ନିମନ୍ତେ ପ୍ରାର୍ଥନା କରିଥିଲେ। ସାମୂହିକ ଶାନ୍ତିବାର୍ତ୍ତା ଉଚ୍ଚାରଣ, ଧର୍ମ ପ୍ରବଚନ କରିଥିଲେ। ବିଭିନ୍ନ ଅଞ୍ଚଳରୁ ଧର୍ମଯାଜକମାନେ ମଧ ଯୋଗ ଦେଇଥିଲେ। ଯାତ୍ରାକୁ ଆସୁଥିବା ଲୋକେ ସୋରଡ଼ାର ହୋଟେଲଗୁଡିକରେ ଭିଡ଼ ଲଗାଇଥିଲେ। ଥାନାଧିକାରୀ ରମେଶ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଯାତ୍ରା ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ, ଦମକଳ ବାହିନୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ମାଟ୍ରିକ୍ ପରୀକ୍ଷା ପ୍ରସ୍ତୁତି ବୈଠକ

**ଫୁଲବାଣୀ ଅଫିସ, ୧୨।୨**

**ଅବଗତ କରାଗଲା ବୋର୍ଡର ନିୟମାବଳୀ**

ଆସନ୍ତା ୧୯ରୁ ମାଟ୍ରିକ୍ ପରୀକ୍ଷା। ଜିଲାରେ ପରୀକ୍ଷା ଶାନ୍ତି ଶୃଙ୍ଖଳା ଓ ଅବାଧ କରିବା ପାଇଁ ବୁଧବାର ଜିଲାପାଳ ଡା. ବୃନ୍ଦା ଡିଙ୍କ ଅଧକ୍ଷତାରେ ଏକ ବୈଠକ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଶିକ୍ଷାଧିକାରୀ ବିକାଶ ଚନ୍ଦ୍ର ପ୍ରଧାନ, ଜିଲା ମଙ୍ଗଳ ଅଧିକାରୀ ଶେଷଦେବ ବେହେରା, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମାନସ କୁମାର ଜେନା ଓ ସ୍କୁଲ ସିଆଇ ସଞ୍ଜିବ କୁମାର ବଳିଆରସିଂ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ପରୀକ୍ଷା ସୁପରିଚାଳନା ନେଇ ବୋର୍ଡ଼ର ନିୟମାବଳୀ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରା ଯାଇଥିଲା। ପରୀକ୍ଷା କେନ୍ଦ୍ରକୁ ଅଧକ୍ଷଙ୍କ ବ୍ୟତୀତ ଅନ୍ୟ କେହି ମୋବାଇଲ ନେଇ ପାରିବେ ନାହିଁ। ପ୍ରଶ୍ନପତ୍ର ଯେଭଳି ଭାଇରାଲ ନ ହୁଏ ସେ ନେଇ ସମସ୍ତଙ୍କୁ ସତର୍କ ରହିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପରୀକ୍ଷାର୍ଥୀମାନେ ପରୀକ୍ଷା ଦେବାରେ ଯେଭଳି କୌଣସି ଅସୁବିଧା ନ ହୁଏ ସେଥିପ୍ରତି ଗୁରୁତ୍ୱ ଦେବାକୁ କହିଥିଲେ। ପରିଚାଳନାରେ ବିଭ୍ରାଟ, ପ୍ରଶ୍ନପତ୍ର ଭାଇରାଲ ଓ କପି କରିବାକୁ ପ୍ରୋତ୍ସାହନ ଦିଆଗଲେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ସମସ୍ତଙ୍କୁ ଚେତାଇ ଦେଇଥିଲେ। କପି ରୋକିବାକୁ ତ୍ରିସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଛି। ଜିଲାପାଳ, ଜିଲା ଶିକ୍ଷାଧିକାର ଓ ବୋର୍ଡ଼ର ସ୍କାଡ଼ ପାର୍ଟି ବିଭିନ୍ନ ପରୀକ୍ଷା କେନ୍ଦ୍ର ବୁଲି ତଦାରଖ କରିବେ। ଜିଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ଦୁଇଟି ସ୍କ୍ୱାଡ଼ ଗଠନ କରାଯାଇଥିବା ବେଳେ ଜିଲା ଅଧିକାରୀମାନଙ୍କୁ ନେଇ ସ୍ୱତନ୍ତ୍ର ସ୍କ୍ୱାଡ଼ ହୋଇଛି।

## କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ବାର୍ଷିକୋତ୍ସବ

**କ.ନୂଆଗାଁ,୧୨।୨(ଡି.ଏନ୍.ଏ.)**

କ.ନୂଆଗାଁ ବ୍ଲକ କଲୋନୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ (କସ୍ତୁରବା ଗାନ୍ଧୀ ବାଳିକା) ବିଦ୍ୟାଳୟର ୯ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିଥିମାନେ ବିଦ୍ୟାଳୟ ପରିସରରେ ଥିବା କସ୍ତୁରବାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସୁଭାଷିନୀ ବେହେରା ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ଚିତ୍ତରଞ୍ଜନ ତ୍ରିପାଠୀ, ମୁଖ୍ୟବକ୍ତା କୁତ୍ତୁଲି ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ପାଇଟାଲ, ଏବିଇଓ ନାଗେଶ୍ୱର ପ୍ରଧାନ, ଏବିଇଓ ଚୈତନ୍ୟ କହଁର, ଏବିଇଓ ହରିହର ମଲିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ମୁଖପତ୍ର 'କସ୍ତୁରୀ ତନୟା' ଉନ୍ମୋଚିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ରାଇକିଆ ମହୋତ୍ସବ ଉଦ୍‌ଯାପିତ

**ରାଇକିଆ,୧୨।୨(ଡି.ଏନ୍.ଏ.)**


ଉଦ୍‌ଯାପନୀ କାର୍ଯ୍ୟକ୍ରମକୁ ଆରମ୍ଭ କରୁଛନ୍ତି ଅତିଥି।

ରାଇକିଆଠାରେ ୩ ଦିନ ଧରି ଚାଲିଥିବା ରାଇକିଆ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବର ଶେଷ ସନ୍ଧ୍ୟାରେ ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ, ବାଲିଗୁଡା ବିଧାୟକ ଚକ୍ରମଣି କହଁର, ଜିଲା ପରିଷଦ ଅଧକ୍ଷା ଆକାଂକ୍ଷା ପ୍ରଧାନ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱନାଥ ବାରିକ, ବିଡିଓ ପ୍ରବୀଣ କୁମାର ବାଣୁଆ, ପୂର୍ବତନ ବିଧାୟକ ରାଜୀବ ପାତ୍ର, ଏମ୍‌ପି ପ୍ରତିନିଧି ସୁଧାଂଶୁ ପାଣିଗ୍ରାହୀ, ବାସୁଦେବ ପଣ୍ଡା, ବିଜେଡି ସଂଖ୍ୟାଲଘୁ ସେଲ ସମ୍ପାଦକ ୟାସିମ ବେଗ ଅତିଥି ଭାବେ ଯୋଗ ଦେଇ କଳା, ସଂସ୍କୃତିର ପୁନରୁଦ୍ଧାର ଏବଂ ଭାଇଚାରା ପାଇଁ ଏଭଳି ଉଦ୍ୟମକୁ ପ୍ରଶଂସା କରିଥିଲେ। ବିଧାୟକ ପ୍ରଧାନ ପଲିଥିନ ବର୍ଜନ ପାଇଁ ରାଇକିଆବାସୀଙ୍କୁ ନିବେଦନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟ ଆକର୍ଷଣ ଥିଲା ସମ୍ବଲପୁରୀ ଲୋକ ନୃତ୍ୟ ଓ ଭୁବନେଶ୍ୱରରୁ ଆସିଥିବା ସୁର ଭାଇବ୍ରେଶନ ଗ୍ରୁପର ନୃତ୍ୟ। ଏଥିସହିତ ସ୍ଥାନୀୟ କଳାକାରମାନେ ମଧ ସେମାନଙ୍କ କଳା ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ବ୍ଲକ ଅଧକ୍ଷା ମାନିନୀ ପ୍ରଧାନ, ରାଇକିଆ ସରପଞ୍ଚ ପଞ୍ଚୁ ପ୍ରଧାନ, ଭୂଷଣ ପ୍ରଧାନ, ମେନକା ପ୍ରଧାନ, ରଶ୍ମିତା ପ୍ରଧାନ ଉପସ୍ଥିତ ଥିଲେ। କମିଟି ସମ୍ପାଦକ ସୁକାନ୍ତ ନାୟକ, ଉପସଭାପତି ଜୟାନନ୍ଦ ନାୟକ, ରାଜମୋହନ ଦିଗାଳ, ସୁରେନ୍ଦ୍ର ପଣ୍ଡା, ସନ୍ତୋଷ ଲେଙ୍କା, ରଶ୍ମି ରଞ୍ଜନ ତ୍ରିପାଠୀ, ମିଥୁନ ଦିଗାଳ, ରାଜ କିଶୋର ପରିଚ୍ଛା, ମିଟୁ ପଣ୍ଡା , ବିଭୂଦତ୍ତ ବେହେରା, ଦୂତୀକୃଷ୍ଣ ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ପୁସ୍ତକ ବିନା ମଣିଷ ବଞ୍ଚିବା ଅସମ୍ଭବ


ମଞ୍ଚାସୀନ ଅତିଥିଙ୍କ ଉପସ୍ଥିତିରେ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଉଛି।

**ଫୁଲବାଣୀ ଅଫିସ, ୧୨।୨**

କନ୍ଧମାଳ ଜିଲା ଫୁଲବାଣୀ କରୋନେଶନ ପଡିଆରେ ବୁଧବାର ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦ ପକ୍ଷରୁ ଏକାଦଶ କନ୍ଧମାଳ ପୁସ୍ତକ ଉତ୍ସବ ଓ ସାଂସ୍କୃତିକ ମେଳା ଆରମ୍ଭ ହୋଇଛି। ମୁଖ୍ୟଅତିଥି ଭାବେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ମୁଖ୍ୟବକ୍ତା ଭାବେ ଅଧାପକ ଜ୍ୟୋତିପ୍ରକାଶ ରଥ, ସମ୍ମାନିତ ଅତିଥି ଭାବେ ପ୍ରଫେସର ତୀର୍ଥ ଜାନୀ ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପୁସ୍ତକ ବିନା ମଣିଷ ବଞ୍ଚିବା ଅସମ୍ଭବ। ପୁସ୍ତକ ମଣିଷକୁ ସମାଜବ୍ରତୀ ହେବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ପୁସ୍ତକ ନିସଙ୍ଗତାକୁ ଦୂର କରିଥାଏ। ଏହା ଜୀବନର ସବୁଠୁ ବଡ ସାଥି ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ମେଳାକୁ ବୁଲି ଆସୁଥିବା ପ୍ରତ୍ୟେକ ବ୍ୟକ୍ତି କିଛି ନା କିଛି ପୁସ୍ତକ କିଣି ସାଥିରେ ନେବାକୁ ଉପସ୍ଥିତ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦ ମହିଳା କଳାକାରଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ଲିଖିତ ପରୀକ୍ଷାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ଛତୁ ଚାଷ ତାଲିମ

**ଫୁଲବାଣୀ ଅଫିସ,୧୨।୨**

ଫୁଲବାଣୀ ନିକଟସ୍ଥ ବନ୍ଧସାହି ଗ୍ରାମରେ କଟକ ବିଦ୍ୟାଧରପୁର ରାଷ୍ଟ୍ରୀୟ ଧାନ ଗବେଷଣା କେନ୍ଦ୍ର ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ମିଳିତ ସହଯୋଗରେ ଏକ ଦିନିକିଆ ତାଲିମ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ କନ୍ଧସାହି ଓ ପିଟବାରୀ ଗ୍ରାମର ମହିଳା ଓ ପୁରୁଷ ଚାଷୀ ଯୋଗଦେଇ ଛତୁ ଚାଷ, ଜିଆ ଖତ ଉପରେ ତାଲିମ୍ ନେଇଥିଲେ। ବୈଜ୍ଞାନିକ ଭବାନୀଶଙ୍କର ଶତପଥୀ ପାରମ୍ପରିକ ଧାନ ଚାଷରେ ଯନ୍ତ୍ରାଂଶ ବ୍ୟବହାର କରି କିପରି ଖର୍ଚ୍ଚ କମାଯାଇ ପାରିବ ଓ ଜୈବିକ ପଦ୍ଧତିରେ ଅମଳ ବଢ଼ାଯାଇ ପାରିବ କହିଥିଲେ। ଏଥିସହ ଜିଆ ଖତ ପ୍ରସ୍ତୁତ ପ୍ରଣାଳୀ ଓ ଏହାର ଆବଶ୍ୟକତା ସମ୍ପର୍କରେ ମଧ କହିଥିଲେ। ବୈଜ୍ଞାନିକ ଏମ୍. ଚକ୍ରବର୍ତ୍ତୀ ରାଝୁ ଏସ୍, ବି.ସି. ମଣ୍ଡି ପ୍ରମୁଖ ସହଯୋଗ କରିଥିଲେ। ସ୍ୱାତୀ କୋଷାଧକ୍ଷ ଶାନ୍ତନୁ କୁମାର ମିଶ୍ର ଗ୍ରାମବାସୀଙ୍କୁ ଛତୁ, ପନିପରିବା ମଞ୍ଜି ବଣ୍ଟନ କରିଥିଲେ।

## ବିଧବା ଭତ୍ତାରୁ ବଞ୍ଚିତ ଶ୍ରୀୟା

**ଖଜୁରିପଡ଼ା(ଡି.ଏନ.ଏ.)/ ବଲସକୁମ୍ପା,୧୨।୨**


ଶ୍ରୀୟା କହଁର।

ଖଜୁରିପଡ଼ା ବ୍ଲକ ବଲସକୁମ୍ପା ଗ୍ରାମପଞ୍ଚାୟତ ଅଧୀନ ସୁନ୍ଦରଗଡ଼ ଗ୍ରାମର ଶ୍ରୀୟା କହଁରଙ୍କ ସ୍ୱାମୀ ମୃତ୍ୟୁବରଣ କରିବାର ପ୍ରାୟ ୩ ବର୍ଷ ବିତିଯାଇଛି। ହେଲେ ବର୍ତ୍ତମାନ ସୁଦ୍ଧା ଶ୍ରୀୟାଙ୍କୁ ବିଧବା ଭତ୍ତା ମିଳୁନାହିଁ। ସରକାର ଭିନ୍ନକ୍ଷମ, ବିଧବା ଓ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରୁଥିବା ବେଳେ ବୃଦ୍ଧା ଶ୍ରୀୟା ଏଥିରୁ ବଞ୍ଚିତ ଅଛନ୍ତି। ତାଙ୍କର ୩ ପୁଅ ପଢୁଛନ୍ତି କିନ୍ତୁ ରହିବା ପାଇଁ ଭଲ ଘରଟିଏ ନ ଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟକୁ ଭତ୍ତାଟିଏ ଏବଂ ଆବାସ ଗୃହଟିଏ ପାଇଁ ବାରମ୍ବାର ଆବେଦନ କଲେ ମଧ କେହି ଶୁଣୁ ନ ଥିବା ସେ କହିଛନ୍ତି। ଏହା ଦେଖି ମା' ଇଷ୍ଟଦେବୀ ଯୁବ କଳା ପରିଷଦର କାର୍ଯ୍ୟକାରୀ ସଭାପତି ରୋହିତ କୁମାର ବେହେରା ଗଣମାଧମକୁ ଜଣାଇଛନ୍ତି। ଶ୍ରୀୟା ଦିନ ମଜୁରି କରି କିମ୍ବା କାଠପତ୍ର ବିକି ଯେଉଁ ଟଙ୍କା ରୋଜଗାର କରନ୍ତି ସେଥିରେ ଦୁଇଓଳି ଖାଇବାକୁ ନିଅଣ୍ଟ। ତେଣୁ ରହୁଥିବା ଘର ମରାମତି କରିପାରୁନାହାନ୍ତି। ଏ ନେଇ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର ନାଥ କହଁରଙ୍କୁ ପଚାରିବାରୁ ଘଟଣା ନିରୀକ୍ଷଣ କରି ଶୀଘ୍ର ସବୁ ବ୍ୟବସ୍ଥା କରିବେ ବୋଲି ସେ କହିଛନ୍ତି। ତେବେ ଏହି ମହିଳାଙ୍କୁ ସରକାର ସହାୟତା ଯୋଗାଇ ଦେବାକୁ ମା' ଇଷ୍ଟଦେବୀ ଯୁବ କଳା ପରିଷଦ ଯୁବକ ସଂଘ ଅନୁରୋଧ କରିଛି।

## ବ୍ରାହ୍ମଣୀଗାଁରେ ନିର୍ମାଣ ହେଲା ମୁକ୍ତେଶ୍ୱର ମନ୍ଦିର


ଗ୍ରାମବାସୀ ମନ୍ଦିର କାର୍ଯ୍ୟରେ ଲାଗିଛନ୍ତି।

**ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ, ୧୨।୨(ଡି.ଏନ୍.ଏ.)**

**ସରକାର ଅନୁଦାନ ଦେଲେ ଗ୍ରାମବାସୀ ଶ୍ରମ ଦାନ କଲେ**

ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ଠାରେ ବାବା ମୁକ୍ତେଶ୍ୱର ମନ୍ଦିର ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପାଣ୍ଠିରୁ ପ୍ରାୟ ୭ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଥିବାବେଳେ ବ୍ରାହ୍ମଣୀଗାଁବାସୀ ଶ୍ରମଦାନ କରି ମନ୍ଦିର ନିର୍ମାଣ କାର୍ଯ୍ୟ ଚଳାଇଛନ୍ତି। ଉକ୍ତ ମନ୍ଦିରରେ ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇସାରିଥିବାବେଳେ ଗ୍ରାମବାସୀ ମଧ ନିଜ ଶ୍ରମଦାନ କରିବା ସହ ଅର୍ଥ ଦେଇ ଏକ ବଡ଼ ମନ୍ଦିର ନିର୍ମାଣ କରିବାକୁ ପ୍ରୟାସ କରୁଛନ୍ତି। ବୈଠକ କରି ଅଞ୍ଚଳ ତଥା ବାହାରୁ ଆସୁଥିବା ପର୍ଯ୍ୟଟକଙ୍କ ସୁବିଧା ଲାଗି ସୁନ୍ଦର ସାଜସଜ୍ଜା ପାଇଁ ମନ୍ଦିର ନିର୍ମାଣ କମିଟି ଯୋଜନା କରିଛି। ସେହିପରି ସରକାରଙ୍କ ପକ୍ଷରୁ ଆମଗାଁ ଆମ ବିକାଶ ଯୋଜନାରେ ଗ୍ରାମବାସୀଙ୍କୁ ୪ଲକ୍ଷ ଟଙ୍କାର ସଭାଗୃହ ମଧ ଯୋଗାଇ ଦିଆଯାଇଥିବା ଗ୍ରାମବାସୀ କହିଛନ୍ତି। ଏବେ ଉକ୍ତ ମନ୍ଦିର ପାଚେରି ସହ ବଭିନ୍ନ କାର୍ଯ୍ୟ ବାକି ରହିଛି। କାର୍ଯ୍ୟକୁ ମନ୍ଦିର ନିର୍ମାଣ କମିଟିର ସଭାପତି ରାମଚନ୍ଦ୍ର ପାତ୍ର, ଚିତ୍ରସେନ ପାତ୍ର, ସତ୍ୟବାଦୀ ସାହୁ, ପିଙ୍କୁ ପାତ୍ର, ରଘୁନାଥ ନାୟକ, ବାବୁନି ପଣ୍ଡା, ଅକ୍ଷୟ ବେହେରଦଳାଇ ପ୍ରମୁଖ ପରିଚାଳନା କରିଛନ୍ତି।

## କାମ କରି ମିଳୁନି ଟଙ୍କା

**ଆମ ଗାଁ ଆମ ବିକାଶ ଯୋଜନା**

**ଦାରିଙ୍ଗବାଡ଼ି,୧୨।୨ (ଡି.ଏନ.ଏ)**



ଟେକାଙ୍ଗିଆ ଆମ ଗାଁ ଆମ ବିକାଶ ଯୋଜନାରେ କରାଯାଇଥିବା ସଭାଗୃହ।

ଦାରିଙ୍ଗବାଡି ବ୍ଲକ ଦାସିଂବାଡି ପଞ୍ଚାୟତର ଟେକାଙ୍ଗିଆ ଗ୍ରାମରେ ଆମ ଗାଁ ଆମ ବିକାଶ ଯୋଜନାରେ କରାଯାଇଥିବା ଗୋଷ୍ଠୀ ସଭାଗୃହ ନିର୍ମାଣ କାମ ଶେଷ ହୋଇଛି। ଯେଉଁ ଯୁବକ ଉକ୍ତ କାର୍ଯ୍ୟ ଯନ୍ତ୍ରୀଙ୍କ ଜରିଆରେ କରିଥିଲେ ତାଙ୍କୁ ମାତ୍ର ୧ଲକ୍ଷ ଟଙ୍କା ବିଲ୍ ମିଳିଛି। ବଳକା ୧ଲକ୍ଷ ଟଙ୍କା ଦିଆଯାଇନାହିଁ। ସେ ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ିବା ସହ ଯନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ସ୍ଥାନୀୟ ପ୍ରଶାସନ ଏବଂ ସ୍ଥାନୀୟ ଲୋକପ୍ରତିନିଧିମାନଙ୍କୁ ଗୁହାରି କରି ନୟାନ୍ତ ହେଲେଣି, ହେଲେ ସୁଫଳ ମିଳୁନି। ଏବେ ମଜୁରୀ ପାଇଁ ତାଙ୍କ ଦୁଆରେ ଲୋକେ ବସୁଛନ୍ତି ବୋଲି ଠିକା କାର୍ଯ୍ୟ କରିଥିବା ଅରୁଣ ଦିଗାଳ କହିଛନ୍ତି। ଶ୍ରମିକ ମାନଙ୍କ ଅର୍ଥ ପରିଶୋଧ କରିବାକୁ ସେ ନିଜେ ଏବେ ଦାଦନ ଖଟିବାକୁ କେରଳ ଯିବାକୁ ପ୍ରସ୍ତୁତ ହେଉଥିବା କହିଛନ୍ତି।

ଏନେଇ ଦାସିଂବାଡିର ଯନ୍ତ୍ରୀ ସରୋଜ ପ୍ରଧାନଙ୍କ ସହ ଯୋଗାଯୋଗ କରିବାରୁ ସେ ନିଜ ମୁଣ୍ଡରୁ ଦୋଷ ଖସାଇ କହିଛନ୍ତି ଯେ, ପୂର୍ବରୁ ଯେଉଁ ଯନ୍ତ୍ରୀ ଉକ୍ତ କାର୍ଯ୍ୟର ତଦାରଖ କରୁଥିଲେ ସେହି ସମୟରେ ସେ ଉକ୍ତ କୋଠାର ଛାତ ପଡ଼ିବା ପୂର୍ବରୁ ଲୁହାରଡ଼ ବନ୍ଧା ଯାଉଥିବାବେଳେ ତାହାର ଫଟୋ ଉଠାଇନାହାନ୍ତି। ଏଣୁ ନିୟମ ପ୍ରକାରେ ଏହାର ତଦନ୍ତ କରାଯାଇ ବିଲ୍ ପୈଠ କରାଯିବାକୁ ପଦକ୍ଷେପ ନିଆଯିବ।

**ଦାଦନ ଖଟି ଯିବାକୁ ଠିକାଦାର ସଜବାଜ**

ସୂଚନାଯୋଗ୍ୟଯେ ଉକ୍ତ ଯୋଜନାରେ ଗତ ୨୦୧୮-୧୯ ଆର୍ଥିକ ବର୍ଷରେ ୨ଲକ୍ଷ ଟଙ୍କା ଅନୁଦାନ ଆସିଥିବାବେଳେ କାର୍ଯ୍ୟ ଶେଷ ହୋଇ ଦୀର୍ଘଦିନ ହେଲାଣି ଏହାର ବିଲ୍ ମିଳୁନାହିଁ।

# ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା : ଫେରାର ବି-ଟେକ୍ ଛାତ୍ର ଗଲେ ଜେଲ

**ଦିଗପହଣ୍ଡି,୧୨।୨(ଡି.ଏନ.ଏ.)**

ଦିଗପହଣ୍ଡି ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର କରିବା ପରେ ପ୍ରତାରଣା କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ଫେରାର ଥିବା ଅଭିଯୁକ୍ତଙ୍କୁ ବୁଧବାର ଦିଗପହଣ୍ଡି ପୋଲିସ ଗିରଫ କରିଛି। ସେ ହେଲେ ଉକ୍ତ ଥାନା ଅଞ୍ଚଳର ବି-ଟେକ ଛାତ୍ର ପ୍ରିୟବ୍ରତ ସେଠୀ। ମାମଲା ନଂ.୧୫୧/୧୯ ଅନୁଯାୟୀ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜିଲା ଦୌରା ଜଜ୍ କୋର୍ଟକୁ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବ୍ରହ୍ମପୁର ଜେଲକୁ ପଠାଯାଇଛି।

ପୋଲିସର ସୂଚନାନୁସାରେ, ଅଭିଯୁକ୍ତ ଜଣକ ନାବାଳିକାଙ୍କୁ ଭଲ ପାଉଥିଲେ। ବିବାହର ପ୍ରତିଶ୍ରୁତି ଦେଇ ତାଙ୍କୁ ବଳାତ୍କାର କରିଆସୁଥିଲେ। ପରେ ତାଙ୍କୁ ବିବାହ ପାଇଁ ମନା କରିଦେଇଥିଲେ। ପ୍ରତାରିତା ନାବାଳିକା ଜଣକ ୨୦୧୯ ଅଗଷ୍ଟ ୧୭ ତାରିଖରେ ମା'ଙ୍କ ସହ ଦିଗପହଣ୍ଡି ଥାନାରେ ପହଞ୍ଚି ଅଭିଯୁକ୍ତଙ୍କ ବିରୋଧରେ ବୟାନ ଦେଇଥିଲେ। ଏତଲାକୁ ଭିତ୍ତିକରି ଅଭିଯୁକ୍ତଙ୍କ ନାଁରେ ମକଦ୍ଦମା ରୁଜୁ କରାଯାଇଥିଲା। ଗିରଫ ଭୟରେ ଅଭିଯୁକ୍ତ ଘଟଣା ଦିନଠାରୁ ଫେରାର ଥିଲେ। ସେ ଗାଁକୁ ଫେରିବା ଖବର ପାଇ ପୋଲିସ ତାଙ୍କୁ ଧରି ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ବସନ୍ତ କୁମାର ସେଠୀ କହିଛନ୍ତି।

# ପଞ୍ଚାୟତ ବିକାଶ କାର୍ଯ୍ୟକୁ ସମିତିସଭ୍ୟଙ୍କ ବିରୋଧ ଅଭିଯୋଗ



ଖବରଦାତା ସମ୍ମିଳନୀ।

**ଦିଗପହଣ୍ଡି, ୧୨।୨ (ଡି.ଏନ.ଏ.)** ଦିଗପହଣ୍ଡି ବ୍ଲକ ଜକର ପଞ୍ଚାୟତରେ ଚାଲିଥିବା ଉନ୍ନୟନ କାମଗୁଡ଼ିକୁ ସମିତିସଭ୍ୟ କୃଷ୍ଣଚନ୍ଦ୍ର ପ୍ରଧାନ ଉଦ୍ଦେଶ୍ୟମୂଳକ ଭାବେ ବିରୋଧ କରୁଥିବା ସରପଞ୍ଚ ଚୈତନ୍ୟ ପ୍ରଧାନ ଅଭିଯୋଗ କରିଛନ୍ତି। ପ୍ରତି କ୍ଷେତ୍ରରେ ସମିତିସଭ୍ୟଙ୍କ ବିରୋଧକୁ ସେ ନାପସନ୍ଦ କରିବା ସହ ପଞ୍ଚାୟତ ଜନସାଧାରଣଙ୍କ ସମ୍ମୁଖରେ ଖୋଲା ଆଲୋଚନା ପାଇଁ ଆହ୍ୱାନ କରିଛନ୍ତି।

ବୁଧବାର ପଞ୍ଚାୟତ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ପଞ୍ଚାୟତର ସାମଗ୍ରିକ ବିକାଶ ପାଇଁ ଗୃହୀତ କାର୍ଯ୍ୟ ଖସଡ଼ାର ବିସ୍ତୃତ ବିବରଣୀ ସରପଞ୍ଚ ଉପସ୍ଥାପନ କରିଥିଲେ। ଜକର ପଞ୍ଚାୟତକୁ ଆଦର୍ଶ ପଞ୍ଚାୟତରେ ପରିଣତ ପାଇଁ ଆମ ଗାଁ ଆମ ବିକାଶ ଯୋଜନାରେ ମଞ୍ଜୁର ହୋଇଥିବା ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଚାଲିଥିବା ଗୋଷ୍ଠୀ କେନ୍ଦ୍ର ନିର୍ମାଣକୁ ସମିତିସଭ୍ୟ ବିରୋଧ କରିବାରୁ ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି। ପ୍ରାୟ ୧ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣାଧୀନ ହାଇସ୍କୁଲ ପାଚେରିକୁ ସେ ବିରୋଧ କରିଛନ୍ତି। ଚତୁର୍ଦ୍ଦଶ ଅର୍ଥ କମିଶନ ପାଣ୍ଠିରୁ ୬ ଲକ୍ଷ ଟଙ୍କା ବ୍ୟୟରେ ଜକର ଗ୍ରାମରେ ଚାଲିଥିବା ଗ୍ରାମ୍ୟ ପ୍ରମୋଦ ଉଦ୍ୟାନ ନିର୍ମାଣ କାର୍ଯ୍ୟକୁ ସେ ବିରୋଧ କରିବାରେ ଯଥାର୍ଥତା ନ ଥିବା ସରପଞ୍ଚ କହିଥିଲେ। ପଞ୍ଚାୟତର ପ୍ରତ୍ୟେକ ବୈଠକରେ ସେ ଉପସ୍ଥିତ ରହୁଥିଲେ ମଧ୍ୟ ଗଠନମୂଳକ ଆଲୋଚନାରେ ଅଂଶଗ୍ରହଣ ନ କରି ପଞ୍ଚାୟତରେ ବ୍ୟାପକ ଅନିୟମିତତା ସହ ଦୁର୍ନୀତି କରାଯାଇଥିବା ଅଭିଯୋଗକୁ ସେ ତୀବ୍ର ନିନ୍ଦା କରିଛନ୍ତି। ଗୋପବନ୍ଧୁ ଗ୍ରାମୀଣ ବିକାଶ ଯୋଜନାରେ ୪ ଲକ୍ଷ ଟଙ୍କା ବ୍ୟୟରେ ସମିତିସଭ୍ୟ ନିଜେ ରାସ୍ତା ନିର୍ମାଣ କରିଥିଲେ ମଧ୍ୟ ତାହା ଅତୀବ ନିମ୍ନମାନର ହୋଇଥିବାରୁ କିଛିଦିନ ପରେ ରାସ୍ତା ଫାଟି ଆଁ ହୋଇଯାଇଛି। ସମିତି ପାଣ୍ଠିରୁ ବିଭିନ୍ନ ପର୍ଯ୍ୟାୟରେ ମଞ୍ଜୁର ଅର୍ଥରାଶି ବ୍ୟୟରେ କରାଯାଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମିତିସଭ୍ୟଙ୍କ ଦ୍ୱାରା ସମ୍ପାଦନ କରାଯାଇଛି। ତେଣୁ ସେ ସରପଞ୍ଚଙ୍କ ନାଁରେ ଦୁର୍ନୀତି ଅଭିଯୋଗ କରିବା ହାସ୍ୟାସ୍ପଦ ବୋଲି କହିଛନ୍ତି। ସେହିପରି ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଓ ସରପଞ୍ଚଙ୍କୁ ଜାଣିଶୁଣି ମିଥ୍ୟା ତଥ୍ୟ ଆଧାରରେ ବଦନାମ କରିବା ପାଇଁ ସମିତିସଭ୍ୟ ଯେଉଁ ଉଦ୍ୟମ କରିଛନ୍ତି, ସେଥିରେ ସେ ସଫଳ ହେବେ ନାହିଁ ବୋଲି ସରପଞ୍ଚ କହିଛନ୍ତି। ସମିତିସଭ୍ୟ କରିଥିବା ସମସ୍ତ ଅଭିଯୋଗର ଯେ କୌଣସି ତଦନ୍ତ ପାଇଁ ସେ ପ୍ରସ୍ତୁତ ଥିବା କହିଛନ୍ତି। ସମିତିସଭ୍ୟଙ୍କୁ ଏନେଇ ପଚାରିବାରୁ ତାଙ୍କ ବିରୋଧରେ ସରପଞ୍ଚ ଆଣୁଥିବା ଅଭିଯୋଗ ସମ୍ପୂର୍ଣ୍ଣ ଅସତ୍ୟ ବୋଲି କରିଛନ୍ତି। ସମ୍ମିଳନୀରେ ଗ୍ରାମ ରୋଜଗାର ସେବକ ପ୍ରଶାନ୍ତ କୁମାର ସାହୁ, ଗାଁ ସାଥୀ ତ୍ରିନାଥ ପ୍ରଧାନ, ଯୋଗାଣ ସହାୟକ ବଳରାମ ପ୍ରଧାନ ଏବଂ ଅବସରପ୍ରାପ୍ତ ଶିକ୍ଷକ ଚନ୍ଦ୍ର ପ୍ରଧାନଙ୍କ ସମେତ ବହୁ ସଂଖ୍ୟକ ସଚେତନ ଜନସାଧାରଣ ଉପସ୍ଥିତ ଥିଲେ।

# ଭେଣ୍ଡିଂ ଜୋନ ଲାଗି ବିଧାୟକଙ୍କୁ ଭେଟିଲା ବଣିକ ସଂଘ

ଗଞ୍ଜାମ,୧୨।୨(ଡି.ଏନ.ଏ.)

ଆସନ୍ତା ମାର୍ଚ୍ଚରେ ରାସ୍ତା ସମ୍ପ୍ରସାରଣ ଲାଗି ଗଞ୍ଜାମ ସହରର ଉଭୟ ପାର୍ଶ୍ୱରୁ ଉଠାଦୋକାନ, କ୍ୟାବିନ ହଟାଯିବା ପାଇଁ ସମୟ ଧାର୍ଯ୍ୟ ହୋଇଛି। ହେଲେ ସହରରେ ଉଠାଦୋକାନୀଙ୍କ ପାଇଁ ଭେଣ୍ଡିଂ ଜୋନ ନିର୍ମାଣ କରିବାକୁ ବ୍ୟବସାୟୀମାନେ ବାରମ୍ବାର ଦାବି କରିଆସୁଛନ୍ତି। କିନ୍ତୁ କୌଣସି ସୁଫଳ ମିଳିନି। ଏଭଳି ସ୍ଥିତିରେ ଜବରଦଖଲ ଉଚ୍ଛେଦ ହେଲେ ଉଠାଦୋକାନୀ ସେମାନଙ୍କ ଜୀବିକା ହରାଇବା ପ୍ରାୟ ନିଶ୍ଚିତ। ଏଥିଲାଗି ମଙ୍ଗଳବାର ସନ୍ଧ୍ୟାରେ ଗଞ୍ଜାମ ବଡ଼ବଜାର, ସାନ ବଜାର ବଣିକ ସଂଘ ସ୍ଥାନୀୟ ବିଧାୟକ ସୁବାସ ଚନ୍ଦ୍ର ବେହେରାଙ୍କୁ ଭେଟି ସହରରେ ଭେଣ୍ଡିଂ ଜୋନ ନିର୍ମାଣ ପାଇଁ ଅନୁରୋଧ କରିଛନ୍ତି। ଏଥିସହିତ ଭେଣ୍ଡିଂ ଜୋନ ପାଇଁ ସ୍ଥାନ ଚିହ୍ନଟ କରିବା ନେଇ ତହସିଲଦାରଙ୍କୁ ଅବଗତ କରାଯାଇଥିବା ବିଧାୟକଙ୍କୁ ସଂଘ କର୍ମକର୍ତ୍ତା ସୂଚନା ଦେଇଥିଲେ। ଏଥିପାଇଁ ବିଧାୟକ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିବା ବଣିକ ସଂଘ ସଭାପତି ଗୌରୀ ଶଙ୍କର ବାରିକ କହିଛନ୍ତି। ସଂଘ ସଭାପତି ବାରିକିଙ୍କ ସହ ପୂର୍ବତନ ଏମ୍‌ପି ପ୍ରତିନିଧି ତଥା ବିଜେଡି ଯୁବନେତା ସୁଧୀର କୁମାର ପାଢ଼ୀ, ସମ୍ପାଦକ କାହ୍ନୁଚରଣ ପଣ୍ଡା, କୃଷ୍ଣ ଚନ୍ଦ୍ର ଦାସ, ବିଶୁ ମହାନ୍ତ୍ତ ପ୍ରମୁଖ ଉପସ୍ଥିତ ଥିଲେ।













